ସକାଳ THE SAKALA
ଦକ୍ଷିଣ ଓଡ଼ିଶା
www.sakalaepaper.com

## ଶୈବ ପାଞ୍ଚାଳ ବିଶ୍ୱ ବ୍ରାହ୍ମଣ ସମାଜ ଓ ଖାଲସା ତାଲୁକା ପକ୍ଷରୁ ସମ୍ବର୍ଦ୍ଧନା



ଆସିକା,୧୬।୬(ସମିସ): ନିଖିଳ ଉତ୍କଳ ଶୈବ ପାଞ୍ଚାଳ ବିଶ୍ୱ ବ୍ରାହ୍ମଣ ସମାଜ, ଖାଲସା ତାଲୁକା, ଆସିକା ପକ୍ଷରୁ 'ଆସନ୍ତୁ ଗଢିବା ସୁଶିକ୍ଷିତ ଓ ସଂସ୍କାରବାନ ପୀଢ଼ି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପି. ଚିଦାନନ୍ଦ ଆଚାରୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଏକ ନିଆରା ଥିଲା। ଏହି ଅବସରରେ ସମାଜର ଉଚ୍ଚ ଶିକ୍ଷିତ ଏବଂ ବିଭିନ୍ନ କ୍ଷେତ୍ରରେ ଉଚ୍ଚ ପଦବୀରେ କାର୍ଯ୍ୟରତ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦଶମ ଓ ଦ୍ୱାଦଶ ଶ୍ରେଣୀରେ ଭଲ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା। ସେହିଭଳି ଓଏଏସ ପରୀକ୍ଷାରେ ସଫଳତା ପାଇଥିବା ମହିଳାଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷା, ସଂସ୍କାର ଓ ସାମାଜିକ ଉନ୍ନତି ଉପରେ ଆଲୋଚନା ହୋଇଥିବାବେଳେ, ଯୁବପିଢ଼ିଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ହୋଇ ସଫଳତା ହାସଲ କରିବା ପାଇଁ ପ୍ରେରଣା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଏସଅଫଏସ ବିଭୁଦତ୍ତ ଆଚାରୀ, ମୁଖ୍ୟବକ୍ତା ଭାବେ ଏସ ନରସିଂହ ଆଚାରୀ, ବିଶିଷ୍ଟ ଅତିଥି ଭାବେ ଡ଼ି ଶିବ ଶଙ୍କର ଆଚାରୀ, ସମ୍ମାନିତ ଅତିଥି ଭାବେ ଓଏଏସଡ଼ି କସ୍ତୁରୀ ଆଚାରୀ, ଡାକ୍ତର ଡ଼ି ସୂର୍ଯ୍ୟ ରାଓ, ଡାକ୍ତର ଡ଼ି ଅଭିଷେକ ଆଚାରୀ ପ୍ରମୁଖ ଯୋଗଦେଇଥିଲେ।

## କଂଗ୍ରେସ ପକ୍ଷରୁ ଇଓଙ୍କୁ ଭେଟି ଦାବିପତ୍ର



ଛତ୍ରପୁର, ୧୬।୬(ସମିସ): ଛତ୍ରପୁର ଅପରବସଷ୍ଟାଣ୍ଡ ନିକଟ ଷ୍ଟେସନରୋଡ଼ ଯିବା ରାସ୍ତା ଛକ ଠାରେ ଥିବା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କପ୍ରତିମୂର୍ତ୍ତିର ମରାମତି ଦାବି ପାଇଁ କଂଗ୍ରେସ ପକ୍ଷରୁ କରାଯାଇଛି। ଏଥିସହିତ ପ୍ରତିମୂର୍ତ୍ତିରେ କଲର ଦେବା ଏବଂ ଛତ୍ରପୁରରେ ଥିବା ଓପନ ଜିମ୍‌ଗୁଡିକର ମରାମତି କରିବା ଦାବି ନେଇ ଛତ୍ରପୁର ପୌରପରିଷଦ କଂଗ୍ରେସ କମିଟି ପକ୍ଷରୁ ସଭାପତି କାଳିଆ ରାଉଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶଙ୍କୁ ଭେଟି ଏକ ଲିଖିତ ଦାବୀ ପତ୍ର ପ୍ରଦାନ କରିଛନ୍ତି। ଏହା ସହିତ ପୌରପରିଷଦର ଜନ ସାଧାରଣଙ୍କ ହିତ ନିମନ୍ତେ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ଦାବୀ ପତ୍ର ପ୍ରଦାନ ବେଳେ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟିର ଉପସଭାପତି ଅଶୋକ କୁମାର ପଟ୍ଟନାୟକ, ଲିଙ୍ଗରାଜ ନାୟକ, ଦିଲ୍ଲୀପ କୁମାର ପଟ୍ଟନାୟକ, ରମେଶ ନାୟକ, ଭାଗିରଥି ଦାଶ, ରବି ଦାସ, ହରି ନାୟକ ଓ ଜି. ମାଧବ ରେଡ୍ଡୀଙ୍କ ସମେତ ବହୁ ଯୁବକ ମାନେ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରଜମହୋତ୍ସବ

ଛତ୍ରପୁର, ୧୬।୬(ସମିସ): ଛତ୍ରପୁର ବ୍ଲକ ଅନ୍ତର୍ଗତ କେରାଣ୍ଡିତୋଳା ନାରାୟଣପୁର ଗ୍ରାମର ପ୍ରତିଷ୍ଠିତ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ତିନିଦିନିଆ ରଜାମହୋତ୍ସବ ମହା ଆଡମ୍ବର ସହ ଆୟୋଜିତ ହୋଇଯାଇଛି। ଉକ୍ତ ତିନିଦିନିଆ ଉତ୍ସବରେ ଗ୍ରାମର କୁଆଁରି ଝିଅମାନଙ୍କ ମଧ୍ୟରେ ପୁଚି, ଦୌଡ଼ି ଡିଆଁ, ଏକକ ନୃତ୍ୟ, ଝୋଟି, ମ୍ୟୁଜିକାଲ ଚେୟାର, କଣ୍ଠ ସଂଗୀତ, କୁଇଜ ପ୍ରଭୃତି ବିଷୟ ଗୁଡିକ ଉପରେ ପ୍ରତିଯୋଗିତା ମାନ ପରଚଳନା କରାଯାଇଥିଲା। ଅନ୍ତିମ ଦିବସ ସନ୍ଧ୍ୟାରେ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ସହ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ନରହରି ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ଟାଙ୍ଗଣାପଲ୍ଲୀ ସରପଞ୍ଚ ବି. ସୁଦାମ ଯୋଗ ଦେଇ ବରିଷ୍ଠ ମଞ୍ଚ ତରଫରୁ ରଜ ଉତ୍ସବ ଦୀର୍ଘ ବର୍ଷ ଧରି ସଫଳତାର ସହ ଆୟୋଜିତ ହେଉଥିବାରୁ ମଞ୍ଚକୁ ସାଧୁ ବାଦ ଜଣାଇଥିଲେ। ମଞ୍ଚର ସଂଯୋଜକ ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ କାମରାଜୁ ମହାରଣା ୨୦୧୭ ମସିହାରୁ ଗ୍ରାମରେ ରଜ ଉତ୍ସବ ପାଳନ କରାଯାଇ ଆସୁଥିବା କହି କୁଆଁରୀ ଝିଅଙ୍କ ମଧ୍ୟରେ ଥିବା ପ୍ରତିଭାକୁ ବିକାଶ କରବା ପାଇଁ ସୁଯୋଗ ସୃଷ୍ଟି କରାଯାଉ ଥିବା କଥା ପ୍ରକାଶ କରିଥିଲେ। ଉପଦେଷ୍ଟା କୋରା ମହାରଣା ମଞ୍ଚର ସମସ୍ତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଗାଁ ସଭାପତି ଅମରେଶ୍ୱର ସାହୁ ଆଗାମୀ ବର୍ଷ ମାନଙ୍କରେ ଏହି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ସମ୍ପାଦକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ମଞ୍ଚର ବିବରଣୀ ପ୍ରଦାନ ସହ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ସାହୁ, ଉପସଭାପତି ଲକ୍ଷ୍ମଣ ପାଣିଗ୍ରାହୀ, ବିଶ୍ୱନାଥ ମହାନ୍ତି, ଘନଶ୍ୟାମ ପ୍ରଧାନ, ଗୁଜାରୀ ରାମକୃଷ୍ଣ, ଭଗବାନ ସାହୁ, ଜୁରିଆ ପ୍ରଧାନ, ଭିକାରୀ ପ୍ରଧାନ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରବୀନ୍ଦ୍ର କୁମାର ସାହୁ ଓ ଧର୍ମେନ୍ଦ୍ର ପ୍ରଧାନ ବିଚାରକ ରୂପେ ସହଯୋଗ କରିଥିଲେ।

# ଅଜଣା ରୋଗରେ ଛେଳି, ମେଣ୍ଢା ମଡ଼କ

## ପ୍ରାଣୀ ବିଭାଗ ପାଖରେ ଖବର ନାହିଁ

ଦିଗପହଣ୍ଡି,୧୬।୬(ସମିସ)

ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡ଼ା ପଞ୍ଚାୟତ ବଜ୍ରଗୁମ୍ମା, ଟିକରପଡ଼ା, ଢେପାପେଣ୍ଠ ପ୍ରଭୃତି ଗ୍ରାମରେ ଗତ କିଛିଦିନ ହେଲା ଅଜଣା ରୋଗରେ ବହୁ ସଂଖ୍ୟକ ଛେଳି,ମେଣ୍ଢା ମୃତ୍ୟୁବରଣ କରିଥିବା ଜଣାପଡିଛି। ବଜ୍ରଗୁମ୍ମା ଗ୍ରାମର ଉଦୟ ନାଥ ଗୌଡ଼, କୁରେଶୁ ଅଧିକାରୀ, ସହଦେବ ଗୌଡ଼, କୈଳାସ ନାଇକ, ପୂର୍ଣ୍ଣ ନାଇକ, ରାଜ କିଶୋର ମିଶ୍ର, ଭାସ୍କର ନାଇକଙ୍କ ସମେତ ଅନ୍ୟ କିଛି ବ୍ୟକ୍ତିଙ୍କ ଛେଳି, ମେଣ୍ଢା ମୃତ୍ୟୁବରଣ କରିଛନ୍ତି।

ଏନେଇ ଦାୟିତ୍ୱରେ ଥିବା ପ୍ରାଣୀଧନ ନିରୀକ୍ଷକ ବାଳକୃଷ୍ଣ ପ୍ରଧାନଙ୍କୁ ପଚାରିବାରୁ ତାଙ୍କ ନିକଟରେ ଏନେଇ କୌଣସି ଖବର ନଥିବା ସହ କୌଣସି ବ୍ୟକ୍ତି ଅଭିଯୋଗ କରିନଥିବା କହିଛନ୍ତି। ସେ ଭ୍ରମରପୁର,ଚୌଧୁରୀ. ଟିକରପଡ଼ା ଓ ଗଡ଼ ଗୋବିନ୍ଦପୁର ପଞ୍ଚାୟତ ଅଧିନ ସମସ୍ତ ଗାଁର ଦାୟିତ୍ୱରେ ରହିଥିବା କହିଛନ୍ତି। ବମକୋଇ ଗ୍ରାମ ପ୍ରାଣୀଧନ ଚିକିତ୍ସାଳୟର ଡ଼ା. ସଂଗ୍ରାମ ସାହୁ ଙ୍କୁ ପଚାରିବାରୁ ଖବର ପାଇବା ପରେ ପ୍ରାଣୀଧନ ନିରୀକ୍ଷକ ବାଳକୃଷ୍ଣ ପ୍ରଧାନ ପ୍ରାଣୀମିତ୍ର ଅନନ୍ତ ବାଡ଼ତ୍ୟା ଓ ଅନ୍ୟ କର୍ମଚାରୀ ବୃନ୍ଦ ବିଭିନ୍ନ ଗାଁକୁ ଯାଇଥିଲେ। ସେଠାରେ ବିଭିନ୍ନ ଚାଷୀ ଙ୍କୁ ପଚାରିବାରୁ ସେମାନେ ଛେଳି, ମେଣ୍ଢା ପଲଙ୍କୁ ପାତ୍ରପୁର ସୀମାନ୍ତକୁ ମନ୍ଦା ପକାଇବା ପାଇଁ ନେଇଯାଇଥିବା କହିଛନ୍ତି। ଅସୁସ୍ଥ ଛେଳି, ମେଣ୍ଢାଙ୍କୁ ସେମାନେ ଆଣିଲେ ପ୍ରତିଷେଧକ ଔଷଧ, ଇଞ୍ଜେକସନ ଦିଆଯିବା ସହ ଚିକିତ୍ସା କରାଯିବ ବୋଲି କହିଛନ୍ତି। ସେହିପରି ଦିଗପହଣ୍ଡି ବ୍ଲକ ପ୍ରାଣୀଧନ ଚିକିତ୍ସିକା ଡ଼ା. ମଧୁସ୍ମିତା ପଣ୍ଡାଙ୍କୁ ପଚାରିବାରୁ ଏହି ଋତୁରେ ଛେଳି,ମେଣ୍ଢାଙ୍କୁ ଗୁହାଳରେ ରଖାଯିବା ଆବଶ୍ୟକ। କାଳ ବୈଶାଖୀ ପ୍ରଭାବରେ ହେଉଥିବା ବଜ୍ରପାତ ଓ କୁଆପଥର ଝଡ଼ ବର୍ଷାରେ ଯଦି ଛେଳି, ମେଣ୍ଢା ଭିଜି ଯାଆନ୍ତି ତା ହେଲେ ସେମାନଙ୍କୁ ଆନ୍ତ୍ରିକ ଜ୍ୱର ହେବ। ବିନା ଔଷଧରେ ଜ୍ୱର ଛାଡ଼ିବ ନାହିଁ। ଜ୍ୱର, ସିଙ୍ଘାଣି ହୋଇ ମୁଁହ ଫୁଲିବା ସହ ଛେଳି,ମେଣ୍ଢା ମୃତ୍ୟୁବରଣ କରିବାର ସମ୍ଭାବନା ଅଧିକା ଥାଏ। ସେମାନଙ୍କୁ ପ୍ରତିଷେଧକ ଔଷଧ, ଇଞ୍ଜେକସନ ଦିଆଯିବାର ଆବଶ୍ୟକତା ରହିଥିବା କହିଛନ୍ତି। ଦିଗପହଣ୍ଡି ଅଞ୍ଚଳରେ ଛେଳି, ମେଣ୍ଢା ମଡ଼କ ନେଇ ତାଙ୍କ ନିକଟରେ କୌଣସି ଖବର ନଥିବା କହିଛନ୍ତି।

## ଲାଞ୍ଜିଆରେ ଜନଶୁଣାଣି
## ପାନୀୟ ଜଳ ସମସ୍ୟାକୁ ଦିଆଗଲା ପ୍ରାଥମିକତା

କୁକୁଡ଼ାଖଣ୍ଡି,୧୬।୬(ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଦ୍ୱିତୀୟ ପର୍ଯ୍ୟାୟ ଜିଲ୍ଲା, ବ୍ଲକ ଓ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣୀ ଶିବିର ମଙ୍ଗଳବାର କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଞ୍ଜିଆ ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉନ୍ନୟନ ଅଧିକାରୀ ଡ଼ା. ପଲ୍ଲବୀ ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ ମୋଟ ୨୭ଟି ଅଭିଯୋଗ ଆସିଥିଲା। ଶିବିରରେ ପଞ୍ଚାୟତରେ ବଢୁଥିବା ଜନସଂଖ୍ୟା ଯୋଗୁଁ ସୃଷ୍ଟି ହୋଇଥିବା ପାନୀୟ ଜଳ ସଙ୍କଟ ପ୍ରମୁଖ ପ୍ରସଙ୍ଗ ଭାବେ ଉଠିଥିଲା। ଏହାର ସ୍ଥାୟୀ ସମାଧାନ ପାଇଁ ପାଣି ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଗ୍ରାମ ବିକାଶ ବିଭାଗ ଦ୍ୱାରା ନିର୍ମିତ ପୁରୁଣା ପାଣି ଟାଙ୍କିର ମରାମତି ଓ ପୁନଃନିର୍ମାଣ ନେଇ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ଭଗବାନପୁର ଗ୍ରାମରେ ଦେଖାଦେଇଥିବା ଜଳ ଅଭାବ ଦୂରୀକରଣ ପାଇଁ ଆରଡବ୍ଲ୍ୟୁଏସଏସ୍? ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବା ନେଇ ନିଷ୍ପତି ହୋଇଥିଲା। ଏହାଛଡ଼ା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସନ କାର୍ଡ, ଭତ୍ତା, ସୁଭଦ୍ରା ଯୋଜନା ଆଦି ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗ ମଧ ଆସିଥିଲା। ଲାଞ୍ଜିଆ ସମିତି ସଭ୍ୟ କାହ୍ନୁଚରଣ ପାତ୍ର ଭତ୍ତା ବଣ୍ଟନରେ ଅନିୟମିତତା ଓ ଗତ ଜନ ଶୁଣାଣିର ଅଭିଯୋଗ ସମାଧାନକୁ ନେଇ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ଉତ୍ତରରେ ବିଡିଓ ଡ଼ା.ପଲ୍ଲବୀ ସ୍ୱାଇଁ କହିଥିଲେ ଯେ, ବ୍ୟାଙ୍କର କିଛି ତ୍ରୁଟି ଯୋଗୁଁ ଏହି ସମସ୍ୟା ଉପୁଜିଥିଲା ଏବଂ ଜୁନ ମାସରେ ସମସ୍ତ ବକେୟା ଭତ୍ତା ଏକକାଳୀନ ପ୍ରଦାନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ସ୍ୱାଗତିକା ରଥ, ସମିତି ସଭ୍ୟ କାହ୍ନୁଚରଣ ପାତ୍ର ଓ ସରପଞ୍ଚ ଅନୀଲ ଗୌଡ଼ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ପଞ୍ଚାୟତବାସୀଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ଆସିଥିବା ସମସ୍ତ ଅଭିଯୋଗର ଯାଞ୍ଚ କରାଯାଇ ଶୀଘ୍ର ସମାଧାନ କରାଯିବ ବୋଲି ବ୍ଲକ ଉନ୍ନୟନ ଅଧିକାରୀ ଡ଼ା.ପଲ୍ଲବୀ ସ୍ୱାଇଁ କହିଛନ୍ତି।



## ନିସ୍ତିପୁରରେ ପାଗଳ ମାଙ୍କଡ଼ ଆତଙ୍କ

ସାନଖେମୁଣ୍ଡି,୧୬।୬(ସମିସ) : ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ନିସ୍ତିପୁର ଗ୍ରାମରେ ପାଗଳ ମାଙ୍କଡ ଆତଙ୍କ ରେ ଦଶ ରୁ ଉର୍ଦ୍ଧ୍ୱ ମହିଳା ଆହତ ହୋଇଥିବା ଜଣାପଡ଼ିଛି। ଆହତମାନେ ହେଲେ ସୁକାନ୍ତି ପାତ୍ର, ଲକ୍ଷ୍ମୀ ବରାଡ, ଭାସ୍କର ବରାଡ, ଯୋଗୀ ତାରିଣୀ, ବିନି ପ୍ରଧାନ, ପାପମା ପାତ୍ର, ସପନ ବରାଡ। ସୂଚନା ମୁତାବକ ଦୁଇ ଦିନ ହେବ ଗ୍ରାମରେ ୧୦ରୁ ଅଧିକ ଲୋକଙ୍କୁ ଏହି ମାଙ୍କଡ଼ ରାମ୍ପିବା ସହ କାମୁଡି କ୍ଷତ ବିକ୍ଷତ କରିଥିଲେ। ଆହତ ମାନଙ୍କୁ ଆଡପଡା ମେଡିକାଲ ଭର୍ତ୍ତି କରାଯାଇଥିଲା। ଗ୍ରାମରେ କୋକୁଆ ଭୟ ଦେଖାଦେଇଛି। ଦିଗପହଣ୍ଡି ରେଞ୍ଜ ପାଟପୁର ସେକ୍ସନର ବନ ବିଭାଗ ଟିମ ପହଞ୍ଚି ପାଗଳ ମାଙ୍କଡ଼କୁ ଘଉଡ଼ାଇବାକୁ ଉଦ୍ୟମ କରିବା ସହିତ ଟ୍ରଙ୍କୁଲାଇଜାର ଟିମର ସହାୟତା ଲୋଡ଼ିଲା ବନ ବିଭାଗ। ମାଙ୍କଡ଼ ଉପଦ୍ରବ ଯୋଗୁଁ ରାସ୍ତାରେ ଯାତାୟତ କରୁଥିବା ଗ୍ରାମବାସୀ ଭୟରେ ଘରୁ ବାହାରକୁ ବାହାରୁ ନାହାଁନ୍ତି।



## ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର




ବେଗୁନିଆପଡ଼ା, ୧୬।୬(ସମିସ): ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ୍ ବେରୁଆଁ ବାଡ଼ି ଫଂଚାୟତ ରାଜୀବ ଗାନ୍ଧୀ ସେବା ପରିସରରେ ଗ୍ରାମ ପଞ୍ଚାୟତ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ବେହେରା, ସରପଞ୍ଚ ପ୍ରତିମା କୁମାରୀ ପାଢ଼ୀ, ସମିତି ସଭ୍ୟ ବ୍ରଜ ସୁନ୍ଦର ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାହୁ, ଏଏସଆଇ ସୁରେଶ କୁମାର ନାୟକ ଯୋଗ ଦେଇଥିଲେ। ବିଡ଼ିଓ ଅଭିଯୋଗ ଶୁଣାଣୀ ପାଇଁ ଚିଠି କଲେ ମଧ୍ୟ ମୃର୍ତ୍ତିକା ସଂରକ୍ଷଣ ଅଧିକାରୀ କେବେ ଯୋଗ ଦେଉନଥିବା ସାଧାରଣ ରେ ଅଭିଯୋଗ ହୋଇଥିଲା। ଏଥିରେ କନିଷ୍ଠ ଯନ୍ତ୍ରୀ ଧର୍ମେନ୍ଦ୍ର ବାଡିଟିଆ , ପିଇଓ ସୁଦାମ ପ୍ରଧାନ, ଡବ୍ଲ୍ୟୁଇ ଓ ସ୍ୱାଗତିକା ରାଉତ, ଡ଼କ୍ଟର ସଞ୍ଜୟ କୁମାର ସାହୁ, ଜଳ ଓ ପରିମଳ ଯନ୍ତ୍ରୀ ଶୁଭଶ୍ରୀ ମହାରଣା, ମମତା ପଣ୍ଡା ଯୋଗାଣ ନିରୀକ୍ଷକ ବାଦଲ ବେହେରା, ବି ଏଲ ସି ଦେବରାଜ ବେହେରା, ରହି ଅଭିଯୋଗ ଶୁଣାଣୀ କରିଥିଲେ। ଏଥିରେ ମୋଟ ୮ ଗୋଟି ଅଭିଯୋଗ ହୋଇଥିଲା ସେଥିମଧ୍ୟରୁ ଭତା ୨ ଗୋଟି ରାସନ କାର୍ଡ ୨ ଅନ୍ୟାନ୍ୟ ୪ ଗୋଟି ଅଭିଯୋଗ ହୋଇଥିଲା। ସମସ୍ତ ଅଭିଯୋଗକୁ ଶୁଣାଣି କରି ନିର୍ଧାରିତ ବିଭାଗକୁ ସମାଧାନ ପାଇଁ ପଦକ୍ଷେପ ନେବାକୁ ସୁପାରିଶ କରିଛନ୍ତି ବେଗୁନିଆପଡ଼ା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ବେହେରା।

## ଖଲ୍ଲିକୋଟ ଉପ-ଡାକଘର ପରିସରରେ ବାର୍ଷିକ ବ୍ୟବସାୟ ଯୋଜନା ସମୀକ୍ଷା

ଛତ୍ରପୁର,୧୬।୬(ସମିସ): ଖଲିକୋଟ ଉପ ଡାକ ଘର ପରିସରରେ ବାର୍ଷିକ ବ୍ୟବସାୟ ଯୋଜନା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଡାକ ପରି ମଣ୍ଡଳର ମହା ଡାକପାଳ କର୍ଣ୍ଣଲ ବିନୋଦ କୁମାର ଉକ୍ତ ବୈଠକରେ ଯୋଗଦେଇ ଖଲ୍ଲିକୋଟ ଉପ ଡାକଘର ଓ ଖଲିକୋଟ ଅର୍‌ଏସ ଉପ ଡାକଘର ଅଧୀନସ୍ଥ ଶାଖା ଡାକପାଳ ଓ ସହ ଶାଖା ଡାକପାଳମାନଙ୍କୁ ଗ୍ରାମ୍ୟସ୍ତରୀୟ ମିଡିଆ ପୋଷ୍ଟର ବିପୁଳ ପ୍ରଚାର, ସ୍ୱଳ୍ପ ସଂଚୟ ଯୋଜନାରେ ଗ୍ରାମାଞ୍ଚଳର ଶତ ପ୍ରତିଶତ ଲୋକଙ୍କୁ ଅନ୍ତର୍ଭୁକ୍ତ। କରିବା, ସ୍ୱୟ ସହାୟିକା ଗୋଷ୍ଠୀ ସଦସ୍ୟକ୍ଷଙ୍କୁ ଗ୍ରାମୀଣ ଡାକ ଜୀବନ ବୀମା ଯୋଜନା ରେ ଅନ୍ତର୍ଭୁକ୍ତ କରିବାକୁ , ଏଭଳିକି ଗ୍ରାମୀଣ ଡାକ ଜୀବନ ବୀମାର ଏଜେନ୍ସୀ ନେବାକୁ ପ୍ରୋତ୍ସାହିତ କରିବା, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନାରେ ଆସୁଥିବା ପାରିଶ୍ରମିକ ଓ ଭତ୍ତା ରାଶିକୁ ହିତାଧିକରୀଙ୍କ ଘର ନିକଟରେ ଆଇପିପିବି ମାଧ୍ୟମରେ ପେମେଣ୍ଟ କରିବା, ଗ୍ରାମାଞ୍ଚଳ ଲୋକଙ୍କ ନିକଟ ସମ୍ପର୍କୀୟ ମାନେ ଦେଶ ବିଦେଶରେ ରହୁଥିଲେ, ତାଙ୍କ ଆତ୍ମୀୟଙ୍କ ଠାରୁ ପାର୍ସଲ ସଂଗ୍ରହ କରି ପଠାଇବା। ଅନ୍ୟାନ୍ୟ ଡାକ ସେବାକୁ ଆନ୍ତରିକତା ସହ ସମ୍ପାଦନ କରି ଡାକ ବିଭାଗ କୁ ଲୋକମାନଙ୍କର ଅଧିକ ନିକଟତର କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛତ୍ରପୁର ସହ ଡାକ ଅଧିକ୍ଷକ ଜୱହକ୍ଷର ରାଓ, ଖଲିକୋଟ ଉପ ଡାକ ପାଳ ଆଶିଷ କୁମାର ବେହେରା , ମେଲ୍ ଓଭର୍ସୀର ଶିବରାମ ପଣ୍ଡା , ଡାକ ସେବକ ଯମୁନା ସାହୁ, କୃଷ୍ଣ ଚନ୍ଦ୍ର ବେହେରା, ସୁଜ୍ଞାନି ପଣ୍ଡା, ପାର୍ଥ ସାରଥୀ ସାହୁ, ଚିତ୍ରସେନ ସାହୁ, ଦୁର୍ଯ୍ୟୋଧନ ସାହୁ, ଚନ୍ଦନ କୁମାର ପଣ୍ଡା, ସବ୍ୟସଚୀ ଦାସ, ମୋନାଲିସା। ପାଣିଗ୍ରାହି, ସୁରଥ ସ୍ୱାଇଁ, ଶର୍ମିଷ୍ଠା ମଲ୍ଲିକ ରାମ କୃଷ୍ଣ ମହାରଣା, ବର୍ଷା ନାୟକ, କବିରାଜ ସାହୁ, ଅଭିମନ୍ୟୁ ସବାର, ନିତ୍ୟାନନ୍ଦ ସ୍ୱାଇଁ, ସମୀର ବେହେରା, ସରସ୍ୱତୀ ସାହୁ ପ୍ରମୁଖ ଯୋଗଦେଇଥିଲେ।



## ଦେଉଳିଆପଡ଼ାରେ ଠାକୁରାଣୀ ଯାତ୍ରା

ବେଗୁନିଆପଡ଼ା, ୧୬।୬(ସମିସ): କୋଦଳା -ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକ ଅନ୍ତର୍ଗତ ଖଣ୍ଡିଆନଇ ଗ୍ରାମ ଫଂଚାୟତ ଦେଉଳିଆପଡା ଗ୍ରାମରେ ମା କରେଇସୁଣୀ ଠାକୁରାଣୀଙ୍କ ଯାତ୍ରା ଧୂମଧାମ ରେ ଗ୍ରାମ୍ୟ ସଭାପତି ପ୍ରକାଶ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି । ଦୀର୍ଘ ଏକ ମାସ ଧରି ଏହି ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଗ୍ରାମର ଓଡ଼ିଆ ସାହି ଓ ହରିଜନ ସାହିରେ ପୃଥକ ପୃଥକ ପାଳନ କରାଯାଏ। ମାସର ପ୍ରତି ମଙ୍ଗଳ ବାର ରାତିରେ ବିରାଟ ପଟୁଆର ସହ ଭକ୍ତଙ୍କ ଗହଣରେ ଗ୍ରାମ ପରିକ୍ରମା କରନ୍ତି ମା ଠାକୁରାଣୀ। ଏଥି ସହ ପ୍ରଥମ ରଜ ଓ ରଜ ସଂକ୍ରାନ୍ତି ରାତିରେ ମଧ୍ୟ ଗ୍ରାମ ପରିକ୍ରମା କରନ୍ତି। ସଂକ୍ରାନ୍ତି ରାତିରୁ ତୃତୀୟ ରଜ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ସାହିରେ ତାଳପଡା ଗ୍ରାମର ମହାଭାରତ ପୌରାଣିକ ନାଟକ ହୋଇଥିବା ବେଳେ ହରିଜନ ସାହିରେ ବୁରୁଝରୀ ଗ୍ରାମ ର ମହାଭାରତ ପୌରାଣିକ ନାଟକ ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ହଜାର ହଜାର ଦର୍ଶକ ଆସିଥାନ୍ତି। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ସହିତ ଉଭୟ ସାହିର କମିଟି, ଯୁବକ ସଂଘ ଓ ଗ୍ରାମବାସୀ ସହଯୋଗ କରିଥିଲେ।



## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

ଶେରଗଡ଼,୧୬।୬(ସମିସ): ଶେରଗଡ ଥାନା ଧନନ୍ତର ପଞ୍ଚାୟତ ଲାଞ୍ଜିଆପଲ୍ଲୀ ଗ୍ରାମରେ ବଜ୍ରପାତ ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ, ଗ୍ରାମର ଅରସୁଲୁ ସ୍ୱାଇଁଙ୍କ ଦୁଇ ପୁଅ ମୁରଲୀ, ଜଗନ୍ନାଥ ଖତ ପକାଇବା ଲାଗି ଗ୍ରାମ ନିକଟସ୍ଥ ନିଜ ବିଲକୁ ଯାଇଥିଲେ। ହଠାତ ବଜ୍ରପାତ ହେବାରୁ ମୁରଲୀ ଅଚେତ ହୋଇ ପଡିଥିଲେ। ମୁରଲୀ ଅଚେତ ହୋଇ ପଡିଥିବା ଦେଖି କିଛି ଦୂରରେ ଥିବା ସାନ ଭାଇ ଜଗନ୍ନାଥ ପାଖକୁ ଆସି ଭାଇଙ୍କୁ ଘଟଣା ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ଉଦ୍ଧାର କରି ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୁରଲୀ ପହଞ୍ଚିବା ପରେ କାର୍ଯ୍ୟରତ ଡାକ୍ତର ମୁରଲୀଙ୍କୁ ମୃତ ଘୋଷଣା କରିଥିଲେ। ମୁରଲୀଙ୍କ ଶବକୁ ଆସନ୍ତାକାଲି ଆସିକାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ।



## ଗଞ୍ଜାମ ଜିଲ୍ଲାରେ ୫୨.୭୨ ପ୍ରତିଶତ ଡିଜିଟାଇଜେସନ୍

### ୭୩.୯୨ ପ୍ରତିଶତ ସହ ସୋରଡ଼ା ଶୀର୍ଷରେ ରହିଛି



ଛତ୍ରପୁର, ୧୬।୬(ସମିସ): ଗଞ୍ଜାମ ଜିଲ୍ଲାର ପ୍ରାୟ ଭୋଟରଙ୍କ ପାଖରେ ପରିଗଣନା ଫର୍ମ ପହଞ୍ଚି ସାରିଥିବାରୁ ଏବେ ଜିଲ୍ଲା ପ୍ରଶାସନର ସମ୍ପୂର୍ଣ୍ଣ ଫୋକସ୍ ଡିଜିଟାଇଜେସନ ଉପରେ ରହିଛି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୧୫,୮୧,୫୬୩ଟି ଫର୍ମ ଡିଜିଟାଲାଇଜ କରାଯାଇଥିବା ବେଳେ ଏହା ମୋଟ ଫର୍ମର ୫୨.୭୨ ପ୍ରତିଶତ ଅଟେ। ସେଥିମଧ୍ୟରୁ ୧୫,୮୦,୯୫୩ଟି ଫର୍ମ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା ଯାଞ୍ଚ କରାଯାଇସାରିଛି। ଜିଲ୍ଲାର ଡିଜିଟାଇଜେସନ ପ୍ରତିଶତ ରାଜ୍ୟ ତୁଳନାରେ ପ୍ରାୟ ୧୦ ପ୍ରତିଶତ ଅଧିକ ଅଟେ। ଏହା ସତ୍ତ୍ୱେ ଡିଜିଟାଇଜେସନ ପ୍ରକ୍ରିୟାକୁ ଆହୁରି ଅଧିକ କ୍ରିୟାଶୀଳ କରିବା ପାଇଁ ସମ୍ପୃକ୍ତ ସମସ୍ତଙ୍କୁ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ପରାମର୍ଶ ଦେଇଛନ୍ତି। ବିଧାନସଭା କ୍ଷେତ୍ର ଭିତ୍ତିକ ଡିଜିଟାଲାଇଜେସନରେ ସୋରଡା ୭୩.୯୨ ପ୍ରତିଶତ ସହ ଶୀର୍ଷରେ ରହିଛି। ଏହା ପଛକୁ କବିସୂର୍ଯ୍ୟନଗର (୭୧ ପ୍ରତିଶତ) ଓ ଭଞ୍ଜନଗର (୭୦.୨୩ ପ୍ରତିଶତ) ରହିଛନ୍ତି। ଏହି ଡିଜିଟାଇଜେସନ ପ୍ରକ୍ରିୟା ଶେଷ ହେବା ପରେ, ଭୋଟର ତାଲିକାରୁ ମୃତ ଓ ସ୍ଥାନାନ୍ତରିତ ହୋଇଥିବା ଭୋଟରଙ୍କ ନାମ ବାଦ୍ ଦିଆଯିବ ଏହାପରେ ଏକ ତ୍ରୁଟିଶୂନ୍ୟ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଆସନ୍ତା ୨୮ ଜୁନ ୨୦୨୬ ତାରିଖ ପୂର୍ବରୁ ପରିଗଣନା ଫର୍ମ ବଣ୍ଟନ, ସଂଗ୍ରହ ଏବଂ ଡିଜିଟାଇଜେସନ୍ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ସ୍ଥାନୀୟ ଅଞ୍ଚଳରେ ଘରକୁ ଘର ବୁଲି କାର୍ଯ୍ୟ କରୁଥିବା ବି ଏଲ ଓ ମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ସମୟସୀମା ପୂର୍ବରୁ ଫର୍ମ ଦାଖଲ କରିବା ପାଇଁ ଜିଲ୍ଲାର ଭୋଟରଙ୍କୁ ଜିଲ୍ଲପାଳ ଅନୁରୋଧ କରିଛନ୍ତି।

## ରଜ ସଂକ୍ରାନ୍ତୀରେ ଉତ୍ସବ ମୁଖର ଶକ୍ତି ପୀଠ

# ମା ସିଂହାସନୀଙ୍କ ପୀଠରେ ଏକ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ

ପୋଲସରା,୧୬।୬(ସମିସ)

ଗଞ୍ଜାମ ଜିଲ୍ଲାର ଅନ୍ୟତମ ଶକ୍ତି ପୀଠ ତଥା ପୋଲସରା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା'ସିଂହାସନୀ ଙ୍କ ରଜପର୍ବ ର ଦ୍ୱିତୀୟ ଦିନ ଅର୍ଥାତ ସଂକ୍ରାନ୍ତିରେ ଉତ୍ସବ ମୁଖର ହୋଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ୩ ଦିନ ବ୍ୟାପି ଅନୁଷ୍ଠିତ ଏହି ଉତ୍ସବର ଦ୍ୱିତୀୟ ଦିନରେ ମା'ଙ୍କ ଦୁର୍ଲଭ ଦର୍ଶନ କରିବା ପାଇଁ ପାଖାପାଖି ଏକ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପୋଲସରା ବ୍ଲକ ଅନ୍ତର୍ଗତ ପାଣ୍ଡିରିପଡା ପଞ୍ଚାୟତର କଷିପଡା ଠାରେ ବିଜେ ମା' ସିଂହାସନଙ୍କ ଶକ୍ତି ପୀଠ, ଏହି ପୀଠରେ ତିନି ଦିନ ଧରି ପାଳିତ ହୁଏ ରଜପର୍ବ ଆଜି ହେଉଛି ଏହି ପର୍ବ। ପହିଲି ରଜ ଠାରୁ ତିନି ଦିନ ପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳ ସହିତ ଜିଲ୍ଲା ବାହାରୁ ମଧ୍ୟ ହଜାର ହଜାର ମାନସିକ ଧାରି ଶ୍ରଦ୍ଧାଳୁ ଆସି ମା' ଙ୍କ ଦର୍ଶନ କରିବା ସହିତ ମୁଣ୍ଡନ କରି ଭୋଗରାଗ ଲଗାଇଥାନ୍ତି। ସୋମବାର ସକାଳୁ ଅପରାହ୍ନ ପାଞ୍ଚଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ସମାଗମ ଲାଗିଥିଲା। ଚଳିତ ବର୍ଷ ପ୍ରବଳ ଗରମ ସତ୍ତ୍ୱେ ଆଜିର ସଂକ୍ରାନ୍ତି ରଜରେ ଏକଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଙ୍କ ସମାଗମ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ମନ୍ଦିର କମିଟିର ସଦସ୍ୟ ଓ ପ୍ରଶାସନର ତରଫରୁ ତଦାରଖ ଦାୟିତ୍ୱ ଗୁରୁତର ସହକାରେ କରିଥିଲେ।

କମିଟିର କର୍ମକର୍ତ୍ତାଙ୍କ ସମେତ ଚିରିକିପଡା ଶାସନ, ଭାବରଡା, ଗୋଛାବାଡି ଓ ପାଣ୍ଡିରିପଡା ପଞ୍ଚାୟତର ଲୋକଙ୍କ ସହଯୋଗରେ ରଜ ସଂକ୍ରାନ୍ତି ଶାନ୍ତିପୂର୍ଣ୍ଣ ଭାବରେ ସମାପନ ହୋଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ଯଥା ପୋଲସରା ବିଧାୟକ ତଥା ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମା' ସିଂହାସନୀଙ୍କ ଶକ୍ତି ପୀଠରେ ପହଞ୍ଚି ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ଉପସଭାପତି ଦୀପକ ପ୍ରଧାନ, ପ୍ରଭାକର ପଣ୍ଡା, ସମ୍ପାଦକ ରଘୁନାଥ ପ୍ରଧାନ, ସରପଞ୍ଚ ରଘୁନାଥ ଭୂୟାଁ, ଭଗବାନ ସାହୁ, ମନୁ ଗୌଡ଼, ପୀତବାସ ପ୍ରଧାନ, ରବିନ୍ଦ୍ର ନାୟକ ,କୈଳାସ ମହାରଣା, ବିପ୍ରଚରଣ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ବିପିନ ପ୍ରଧାନ, ଚନ୍ଦ୍ରଶେଖର ଗୌଡ଼, କୃଷ୍ଣ ଚନ୍ଦ୍ର ଜେନା, ଶଙ୍କର୍ଷଣ ଗୌଡ଼ ସମେତ କମିଟିର ଅନ୍ୟ ସଦସ୍ୟ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ। ଗଞ୍ଜାମ ଏସପି ହରିସା ବି.ସିଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ପୁରୁଷୋତ୍ତମପୁର ସୁଜିତ କୁମାର ନାୟକ, ପୋଲସରା ଥାନାଧିକାରୀ କୌଶିକ ମାଝୀ ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିଥିଲେ।



# ବିଇଏମସିର କର୍ପୋରେସନ ବୈଠକରେ ହଟ୍ଟଗୋଳ





ବ୍ରହ୍ମପୁର,୧୬।୬(ସମିସ)

ବ୍ରହ୍ମପୁର ମହାନଗର ନିଗମରେ ସବୁ କିଛି ଠିକ ଚାଲିନି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି କାହାକୁ ଶୁଣିବା ତ ଦୂରର କଥା ଖାତିର ବି କରୁନାହାନ୍ତି। କାହା ମନରେ ନାହିଁ କାର୍ଯ୍ୟାନୁଷ୍ଠାନ ଭୟ। ଏଭଳି ସ୍ଥିତି ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ବିଭିନ୍ନ କାରଣରୁ ଅଞ୍ଚଳବାସୀଙ୍କ ଆକ୍ରୋଶର ଶୀକାର ହେବାକୁ ପଡୁଛି। ଯାହାକୁ ନେଇ ଆଜି ଅନୁଷ୍ଠିତ ନିଗମର କର୍ପୋରେସନ ବୈଠକରେ ପ୍ରବଳ ହଟ୍ଟଗୋଳ ଓ ହାଇଡ୍ରାମା ଦେଖିବାକୁ ମିଳିଥିଲା। ବୈଠକ ପୂର୍ବରୁ ଅବଶ୍ୟ ବିଭିନ୍ନ ପ୍ରସଙ୍ଗକୁ ନେଇ କର୍ପୋରେଟରଙ୍କ ମଧ୍ୟରେ ଥିବା ପୁଞ୍ଜିଭୁତ ଅସନ୍ତୋଷ ସମ୍ପର୍କରେ ସୁରାକ ମିଳିଥିଲା। ତେବେ ବୈଠକ ପ୍ରାରମ୍ଭରୁ ହିଁ ସେସବୁ ଦୃଶ୍ୟମାନ ହୋଇଥିଲା। ପ୍ରସ୍ତାବିତ ଚିଠା ବା ଏଜେଣ୍ଡା ଉପରକୁ ନଯାଇ ନିଜନିଜ ଅଞ୍ଚଳର ସମସ୍ୟା ଉପରେ ଆଲୋଚପାତ କରିବା ସହ ବିସ୍ତୃତ ଆଲୋଚନା ପାଇଁ ଦାବି କରିଥିଲେ କର୍ପୋରେଟର। ସହରରେ ଉଭୟ ଜାତୀୟ ଓ ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀଙ୍କୁ ଦିର୍ଘ ୩ମାସ ଧରି ଭତ୍ତା ନମିଳିବା ଯୋଗୁଁ ସେମାନଙ୍କ ସମସ୍ୟା ଓ ସେଥିପାଇଁ ଜନପ୍ରତିନିଧିଙ୍କୁ ସମ୍ମୁଖୀନ ହେବାକୁ ପଡୁଥିବା ଜନଆକ୍ରୋଶ ଉପରେ ଉଠିଥିଲା ପ୍ରଶ୍ନ। ରାଜ୍ୟ ସରକାର ଯଦିଓ ୩ମାସର ଭତ୍ତା ପ୍ରଦାନ କରିଥିବା ଘୋଷଣା କରୁଛନ୍ତି ତେବେ ତାହା କେବଳ ବାହାସ୍ଫଟ ମାତ୍ର। ବର୍ତ୍ତମାନ ପରିସ୍ଥିତିରେ କେବଳ ବିଧବା ମହିଳାଙ୍କୁ ସେମାନଙ୍କର ବକେୟା ୩ମାସରୁ ଦୁଇମାସର ଭତ୍ତା ପ୍ରଦାନ କରାଯାଉଛି। ସେପଟେ ବର୍ତ୍ତମାନ ସୁଦ୍ଧା ଭତ୍ତାରୁ ବଞ୍ଚିତ ଅଛନ୍ତି ଉଭୟ ଭିନ୍ନକ୍ଷମ ଓ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ। ଯାହାକୁ ନେଇ ବୈଠକରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ଟେଣ୍ଡର ନହେବା, ଟେଣ୍ଡର ହୋଇ କାର୍ଯ୍ୟାଦେଶ ନମିଳିବା, ପ୍ରକଳ୍ପ କାର୍ଯ୍ୟ ଶେଷ ପରେ ଠିକାଦାରଙ୍କୁ ଟଙ୍କା ନମିଳିବା ଏପରିକି ନିଗମ କର୍ତ୍ତୃପକ୍ଷଙ୍କ ଅଗୋଚରରେ ଉଦ୍ଦେଶ୍ୟମୂଳକ ଭାବେ ଟେଣ୍ଡରକୁ ବିନା କାରଣରେ ବାତିଲ କରାଯିବା ଭଳି ଘଟଣାକୁ ନେଇ ବୈଠକରେ ହାଇଡ୍ରାମା ଦେଖିବାକୁ ମିଳିଥିଲା। ୬ନମ୍ବର ୱାର୍ଡର ବିଜେଡି କର୍ପୋରେଟର ଶ୍ୱେତାରେଖା ତ୍ରିପାଠୀ ଏବଂ ୩୭ନମ୍ବର ୱାର୍ଡର ବିଜେପି କର୍ପୋରେଟର ବନିତା ସାହୁ ସମସ୍ୟାର ସ୍ଥାୟୀ ସମାଧାନ ତଥା ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଗୃହ ମଝିରେ ଧାରଣା ଦେଇଥିଲେ। ପରେ ଉଭୟ କମିସନର ଓ ମେୟରଙ୍କ ହସ୍ତକ୍ଷେପ ଓ ପ୍ରତିଶ୍ରୁତି ପରେ ଧାରଣାରୁ ଓହରିଥିଲେ ଉଭୟ ମହିଳା କର୍ପୋରେଟର। ସବୁଠାରୁ ବଡକଥା ହେଲା ନିଗମର ଇଂଜିନିୟରିଂ ବିଭାଗରେ କନିଷ୍ଠଯନ୍ତ୍ରୀ, ସହରକାରୀ ଯନ୍ତ୍ରୀ ଓ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ମଧ୍ୟରେ ସମନ୍ୱୟ ନଥିବା ବେଳେ ବିଭାଗୀୟ ଅଧିକାରୀମାନେ କାହାକୁ ଖାତିର କରୁନଥିବାରୁ ସମ୍ପୃକ୍ତ ବିଭାଗକୁ ବୈଠକରେ ଦୂରୁ ଜୁହାର ଓ ମୁଣ୍ଡିଆ ମାରିଥିଲେ କର୍ପୋରେଟର। ସହରରେ ଜବରଦଖଲ ଏକ ବଡ ସମସ୍ୟା ହୋଇଥିବାରୁ ଆଗକୁ ଏକ୍ଷେତ୍ରରେ ନିଗମ 'ଶୂନ୍ୟ ସହନଶୀଳତା' ନିତି ଅବଲମ୍ବନ କରିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଖାସ କରି ଗୋଷାଣିନୂଆଗାଁର ଗୋକୁଳଧାମ, ନେହେରୁନଗର ସ୍ଥିତ ରାଜୀବ ଆବସ କ୍ୱାର୍ଟର ଓ ଶ୍ରୀରାମନଗର ଶାନ୍ତି ମାର୍ଗରେ ଥିବା ଲାଇବ୍ରେରୀ ଭଳି ବିଭିନ୍ନ ଜବରଦଖଲ ପ୍ରସଙ୍ଗରେ ଆଲୋଚନା ପରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ୱାଟକୋ ଓ ଟିପିଏସଓଡିଏଲ ପକ୍ଷରୁ କେବୁଲ ବିଛାଇବା ଆଳରେ ରାସ୍ତାଘାଟ ଖୋଳାଯାଉଥିବା ଓ ଦିର୍ଘ ଦିନ ଧରି କାମ ସରୁନଥିବାକୁ ନେଇ କର୍ପୋରେଟରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଆଗକୁ ବର୍ଷାଦିନ ଆସୁଥିବା ବେଳେ ବର୍ଷବର୍ଷ ଧରି ଚାଲିଥିବା ପୋଖରୀ ପୁନଃରୁଦ୍ଧାର କାର୍ଯ୍ୟ ଶେଷ ନହେବାକୁ ନେଇ କର୍ପୋରେଟରମାନେ ପ୍ରଶ୍ନ ଉଠାଇବା ସହ ତୁରନ୍ତ ଶେଷ କରିବାକୁ ଦାବି କରିଥିଲେ। ପୂର୍ବ ପୌରଅତିଥି ଭବନ ଯାହା କର୍ପୋରେସନ ଗଠନ ପୂର୍ବରୁ ଗାୟତ୍ରୀ ନାମକ ଏକ ଘରୋଇ ସଂସ୍ଥାକୁ ଲିଜ ମାଧ୍ୟମରେ ଦିଆଯାଇଥିଲା ତାକୁ ନେଇ ବୈଠକରେ ତୁମ୍ବିତୋଫାନ ହୋଇଥିଲା। ଆସନ୍ତା ଜୁଲାଇ ୩୧ତାରିଖରେ ଚୁକ୍ତି ଶେଷ ହେଉଥିବା ବେଳେ ତାହାକୁ ଆଗକୁ ଆଉ ବୃଦ୍ଧି ନକରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ଆବଶ୍ୟକ ସ୍ଥଳେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ ନିଷ୍ପତ୍ତି ହୋଇଛି। ସେପଟେ ସହରରେ ବିଦ୍ୟୁତ୍ ଖୁଣ୍ଟ ଗୁଡିକରେ ଲାଗିଥିବା ବିଭିନ୍ନ ଘରୋଇ କେବୁଲ ଓ ୱାଇଫାଇବା ଇଣ୍ଟରନେଟ ସଂସ୍ଥାର କେବୁଲ ତାର ଯୋଗୁଁ ଅଗ୍ନିକାଣ୍ଡ ଘଟୁଛି। ଏଣୁ ସୁରକ୍ଷା ଦୃଷ୍ଟିକୋଣରୁ ସେଗୁଡିକୁ ହଟାଇବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରବଳ ହଟ୍ଟଗୋଳ ମଧ୍ୟରେ ବୈଠକ ଶେଷ ହୋଇଥିଲେ ହେଁ ବିଭିନ୍ନ ପ୍ରସଙ୍ଗରେ ଖୁବ୍‌ଶୀଘ୍ର ଆବଶ୍ୟକ ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସ୍ଥାୟୀ ପ୍ରତିକାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଉଭୟ ମେୟର ଓ କମିସନର। ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଡେପୁଟି ମେୟର ଇ. ବିବେକ ରେଡ୍ଡୀ ଓ କମିସନର ସୁଶ୍ରୀ ଏ. ସସ୍ୟା ରେଡ୍ଡୀ, ସାଂସଦ ପ୍ରତିନିଧି ବାଳକୃଷ୍ଣ ସାମନ୍ତରାୟ, ମନ୍ତ୍ରୀଙ୍କ ପ୍ରତିନିଧି ଶିବ ନାୟକ ଓ ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ଅଶୋକ ଶୁକ୍ଳା, ଅଧିକାଂଶ କର୍ପୋରେଟର ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

- ନିଗମର ଇଂଜିନିୟରିଂ ବିଭାଗକୁ ଦୂରୁ 'ଜୁହାର' ଓ 'ମୁଣ୍ଡିଆ' ମାରିଲେ କର୍ପୋରେଟର
- ବିନା କାରଣରେ, କର୍ତ୍ତୃପକ୍ଷଙ୍କ ଅଗୋଚରରେ ଉଦ୍ଦେଶ୍ୟମୂଳକ ଭାବେ କରାଯାଇଛି ବହୁ ଟେଣ୍ଡର ବାତିଲ
- ବର୍ଷ ବର୍ଷ ଧରି ଚାଲିଥିବା ପୋଖରୀ ଉନ୍ନତୀକରଣ କାର୍ଯ୍ୟକୁ ନେଇ ଉଠିଲା ପ୍ରଶ୍ନ
- ବିଧବାଙ୍କୁ ମିଳିଲା ୩ମାସରୁ ୨ମାସର ଭତ୍ତା, ଭିନ୍ନକ୍ଷମ ଓ ବାର୍ଦ୍ଧକ୍ୟ ଭତ୍ତା ସମ୍ପର୍କିତ ସୂଚନା ନାହିଁ
- ସୁରକ୍ଷା ଦୃଷ୍ଟିରୁ ଖୁବ୍‌ଶୀଘ୍ର ବିଦ୍ୟୁତ୍ ଖୁଣ୍ଟରୁ ହଟିବ ଘରୋଇ 'କେବୁଲ' ଓ 'ୱାଇ-ଫାଇ' ସଂସ୍ଥାର ତାର
- ବଢ଼ିବନି 'ଗାୟତ୍ରୀ ଗେଷ୍ଟ ହାଉସ'ର ଚୁକ୍ତି, ଆବଶ୍ୟକସ୍ଥଳେ ନିଆଯିବ ଆଇନଗତ କାର୍ଯ୍ୟାନୁଷ୍ଠାନ
- ଜବରଦଖଲ କ୍ଷେତ୍ରରେ ବିଇଏମ୍‌ସି ପକ୍ଷରୁ ନିଆଯିବ 'ଶୂନ୍ୟ ଶହନଶୀଳତା' ପଦକ୍ଷେପ
- ଦାୟିତ୍ୱରେ ଅବହେଳା କରୁଥିବା କର୍ମଚାରୀ ଓ ଅଧିକାରୀଙ୍କ ବିରୁଦ୍ଧରେ ନିଆଯିବ କାର୍ଯ୍ୟାନୁଷ୍ଠାନ

## ରେଳଧାରଣରୁ ମୃତଦେହ ଜବତ

ବ୍ରହ୍ମପୁର,୧୬।୬(ସମିସ): ଜିଆରପି ପୁଲିସ ବ୍ରହ୍ମପୁର ରେଳଷ୍ଟେସନ ନିକଟ ଗୋଶାଣିନୁଆଗାଁ ଶିଶୁମନ୍ଦିର କଡ଼ ଦେଇ ଯାଇଥିବା ରେଳ ଧାରଣାରୁ ଜଣେ ଯୁବକଙ୍କ ମୃତ ଦେହ ଜବତ କରିଛି। ମୃତକ ଜଣଙ୍କ ନିମଖଣ୍ଡି ଥାନା ଅନ୍ତର୍ଗତ ଅଂଚଳର ମହେନ୍ଦ୍ର ସାହୁ। ଆଜି ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ମୃତ ଦେହ ହସ୍ତାନ୍ତର କରିଛି। ଥାନାରେ ଏସଂକ୍ରାନ୍ତରେ ୩୯/୨୬ ରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି। ପ୍ରାଥମିକ ତଦନ୍ତରୁ ଟ୍ରେନରୁ ଖସି ମହେନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ପୁଲିସ ସନ୍ଦେହ କରୁଛି। ଘଟଣାରୁ ପ୍ରକାଶ ଯେ, ସୋମବାର ରାତ୍ର ଉକ୍ତ ରେଳ ଧାରଣରେ ଏକ ମୃତ ଦେହ ପଡିଥିବା ପୁଲିସ ଖବର ପାଇଥିଲା। ସେଠାରେ ପହଞ୍ଚି ମୃତ ଦେହ ଜବତ କରିଥିଲା। ମୃତକଙ୍କ ପକେଟରୁ ଏକ ଆଧାର କାର୍ଡ ଓ ଏକ ଫୋନ ମିଳିଥିଲା । ପୁଲିସ ଉକ୍ତ ଫୋନରୁ ତାଙ୍କ ସମ୍ପର୍କୀୟଙ୍କୁ ଫୋନ କରିଥିଲେ। ମୃତଦେହ ଏମକେସିଜି ମେଡିକାଲ ମୃତ ଦେହ ସଂରକ୍ଷଣ ଗୃହରେ ରଖାଯାଇଥିଲା। ଆଜି ମୃତ ଯୁବକଙ୍କ ଭଣଜ ସେଠାରେ ପହଞ୍ଚି ମାମୁଙ୍କ ମୃତଦେହ ପୁଲିସ ଉପସ୍ଥିତିରେ ଚିହ୍ନଟ କରିଥିଲେ। ମହେନ୍ଦ୍ର ସାହୁ ବିଶାଖାପାଟଣାରେ ଏକ କମ୍ପାନୀରେ କାମ କରୁଥିବା ବେଳେ କିଛିଦିନ ତଳେ ଘରକୁ ଆସିଥିଲେ। ସେ ସୋମବାର କୋଣାର୍କ ଏକ୍ସପ୍ରେସ ଟ୍ରେନରେ ବିଶାଖାପାଟଣା ଯାଉଥିଲେ ବୋଲି ତାଙ୍କ ସମ୍ପର୍କୀୟଙ୍କ ଠାରୁ ସୂଚନା ମିଳିଛି।

## ସହର ଛାଡ଼ି ଯାଇପାରୁନାହାଁନ୍ତି ପୁରୁଣା ଅପରାଧୀ

ବ୍ରହ୍ମପୁର,୧୬।୬(ସମିସ): ଗତମାସ ୫ଅପରାଧୀଙ୍କୁ ପୁଲିସ ଏନକାଉଣ୍ଟର୍ କରିବା ପରେ ମଧ ଜେଲ ଫେରନ୍ତା ଓ ପୁରୁଣା ଅପରାଧୀଙ୍କୁ ଥାନାକୁ ଡାକି ସତର୍କ କରାଉଛି । କୌଣସି ଅପରାଧିକ କାଯ୍ୟକଳାପରେ ଲିପ୍ତ ନ ରହିବାକୁ ଅପରାଧୀମାନଙ୍କୁ କୁହାଯାଉଛି । ଗତ କିଛି ଦିନ ହେଲା ସହରର ବହୁ ପୁରୁଣା ଅପରାଧୀ ଥାନାକୁ ହାଜିରା ଦେବାକୁ ଆସୁଛନ୍ତି। ଥାନାରେ ପୁଲିସ ସେମାନଙ୍କ ଗତିବିଧି ଉପରେ ପଚାରିବା ସହ ନିଜ ଅଞ୍ଚଳରେ କେଉଁମାନେ କ୍ରାଇମ କରୁଛନ୍ତି ତାହାର ତଥ୍ୟ ପଚାରି ବୁଝୁଛନ୍ତି । ଏପରି କି ଏକାଧିକ ମାମଲାରେ ଫେରାର ଥିବା ଅଭିଯୁକ୍ତଙ୍କ ଖବର କିଛି ଥିଲେ ପୁଲିସକୁ ସହଯୋଗ କରିବାକୁ ଅପରାଧୀମାନଙ୍କୁ କାହାଯାଉଛି । ଅଧିକାରୀମାନେ ଅପରାଧୀଙ୍କ ଗତିବିଧି ଉପରେ ତାଙ୍କ ପରିବାର ଲୋକଙ୍କୁ ପଚାରିବା ସହ ଅପରାଧିକ କାର୍ଯ୍ୟ କଳାପରୁ ଦୁରେଇ ରହିବାକୁ କୁହାଯାଉଛି । ସପ୍ତାହକୁ ୩ଥ ବାଧ୍ୟତାମୂଳକ ଥାନାରେ ହାଜରା ଦେଉଛନ୍ତି ଅପରାଧୀ । ପୁରୁଣା ଅପରାଧୀଙ୍କୁ ଥାନାରେ ବିଭିନ୍ନ ମାମଲା ବିଷୟରେ ପଚାରଉଚରା କରିଛି ପୁଲିସ । ପୁଲିସ ବଛାବଛା ଅପରାଧୀଙ୍କୁ ସପ୍ତାହରେ ଦୁଇଦିନ ଥାନାରେ ହାଜିରା ଦେବାକୁ କହିଛି। ଯଦି ହାଜିରା ଦେବାକୁ ନ ଆସନ୍ତି ତେବେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଛି । ଯାହା ଫଳରେ ଏବେ ପୁରୁଣା ଅପରାଧୀମାନେ ସହର ଛାଡ଼ିଯାଇପାରୁନଥିବା ଜଣାପଡିଛି । ଜରୁରୀ କାମରେ ଗଲେ ପୁଲିସକୁ ଜଣାଇଯିବାକୁ କୁହାଯାଇଛି ।

## ଟାଟା ଏସି ଗାଡ଼ି ଚୋରି

ବ୍ରହ୍ମପୁର,୧୬।୬(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ଅଂଚଳରୁ ଏକ ଟାଟା ଏସି ଗାଡ଼ି ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ପ୍ରକାରେ ଆମ୍ବପୁଆରେ ଅଞ୍ଚଳରେ ରହୁଥିବା ରବୀନ୍ଦ୍ର ସାହୁ ରବିବାର ରାତିରେ ଟାଟା ଏସି ଗାଡ଼ି ନମ୍ବର ଓଆର ୦୭ ଏକ୍ସ ୦୬୬୦ ଗାଡ଼ିଟି ଘର ସମ୍ମୁଖରେ ରଖି ରଜ ପାଇଁ ମାମୁଁ ଘରକୁ ଯାଇଥିଲେ। ସୋମବାର ସନ୍ଧ୍ୟାରେ ଡ୍ରାଇଭର ଫୋନ କରି ଗାଡ଼ି ଘର ଆଗରେ ନଥିବା କହିଥିଲେ। ସେ ଘରକୁ ଆସି ଦେଖିବା ବେଳକୁ ଗାଡ଼ିଟି ନଥିବାରୁ ବହୁ ଖୋଜା ଖୋଜି କରି ଶେଷରେ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୩୩୧/୨୬ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଞ୍ଚି ସିସି ଫୁଟେଜ ଯାଞ୍ଚ କରି ଖୋଜା ଖୋଜି କରୁଥିବା ପୁଲିସ କହିଛ।

## ଚଳନ୍ତା ସ୍କୁଟିରେ ନିଆଁ



ବ୍ରହ୍ମପୁର,୧୬।୬(ସମିସ): ଖଲ୍ଲିକୋଟ କଲେଜ ସମ୍ମୁଖରେ ଗୋଟିଏ ଚଳନ୍ତା ସ୍କୁଟିରେ ଅଗ୍ନିକାଣ୍ଡ ଘଟିଛି । ସ୍କୁଟିର ଇଞ୍ଜିନ ମାତ୍ରାଧିକ ଗରମ ହେବା ଫଳରେ ଏହି ଘଟଣା ଘଟିଥିବା ଜଣାପଡିଛି । ତେବେ ସ୍କୁଟି ଚାଳକ ଜଣକ ନିଆଁ ଲାଗିବା ଆରମ୍ଭ ହେବା ମାତ୍ରେକେ ସ୍କୁଟି ରାସ୍ତା ଉପରେ ରଖି ଓଲ୍ହାଇ ଯିବା ଫଳରେ ଅଳ୍ପକେ ବର୍ତ୍ତି ଯାଇଥିଲେ। ସୂଚନା ପ୍ରକାରେ ଆଙ୍କୁଲି ଅଞ୍ଚଳର ରାମେଶ୍ୱର ଦାଶ ବ୍ୟାଙ୍କ କାମରେ ନିଜ ସ୍କୁଟି ଓଡ଼ି ୦୭ ବି ଏ ୪୮୭୧ ଗାଡ଼ିରେ ଯାଉଥିବା ବେଳେ ଖଲ୍ଲିକୋଟ କଲେଜ ନିକଟରେ ତାଙ୍କ ଗାଡ଼ିରେ ନିଆଁ ଲାଗିଯିବାରୁ ଗାଡ଼ିରୁ ଛାଡ଼ି ଅଳ୍ପ ଦୂରକୁ ଚାଲିଯାଇଥିଲେ। ପରେ ଅଗ୍ନିଶମ ବାହନୀକୁ ଖବର ଦେଇ ଥିଲେ। ଖବର ପାଇଁ ଅଗ୍ନିଶମ ବାହନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। କିଛି ସମୟ ପାଇଁ ଲୋକଙ୍କ ଯାତାୟତରେ ବାଧା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା।

## ସାମାନ୍ୟ ବଚସାରୁ ନାବାଳକଙ୍କୁ ହତ୍ୟା

ବ୍ରହ୍ମପୁର,୧୬।୬(ସମିସ): ସାମାନ୍ୟ ବଚସାରୁ ବ୍ରହ୍ମପୁର ଉପକଣ୍ଠରେ ଜଣେ ନାବାଳକଙ୍କୁ ମାଡ ମାରି ହତ୍ୟା କରାଯାଇଛି। ମୃତକ ଜଣଙ୍କ ହେଲେ ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ଖଜୁରିଆର ଆଇ. ଭାସ୍କରଙ୍କ ପୁଅ ଆଇ. ସନିଆ(୧୭)। ପୁଲିସ ଏମକେସିଜି ମେଡିକାଲରୁ ତାଙ୍କ ମୃତଦେହ ଜବତ କରିଛି। ଏକାଧିକ ଯୁବକଙ୍କ ମାଡରେ ସନିଆଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ଏହି ଘଟଣାରେ ସଂପୃକ୍ତି ସନ୍ଦେହ କରି ପୁଲିସ ଏକାଧିକ ଯୁବକଙ୍କୁ ପଚରାଉଚରା ଜାରି ରଖିଛି। ସୂଚନାପ୍ରକାରେ, ମଙ୍ଗଳବାର ସନ୍ଧ୍ୟାରେ ଖଜୁରିଆର ସନିଆ ଦାସ ସାହି ନିକଟରେ ଥିବା ଏକ ପୋଖରୀ କଡରେ ପରିଶ୍ରା କରୁଥିଲେ। ଏହା ଦେଖି ସେଠାରେ ଉପସ୍ଥିତ ଫୁଲଟା ଗ୍ରାମର ଏକାଧିକ ଯୁବକ ତାଙ୍କୁ ବାରଣ କରିଥିଲେ। ଏହି କଥାକୁ ନେଇ ଉଭୟ ପକ୍ଷ ମଧ୍ୟରେ ବଚସା ହୋଇଥିଲା। ଫୁଲଟା ଗ୍ରାମର ଅଭିଯୁକ୍ତ ଯୁବକମାନେ ଉତ୍ତ୍ୟକ୍ତ ହୋଇ ନାବାଳକଙ୍କୁ ମାଡ ମାରିବା ସହ ଏକାଧିକ ମୁଥ ମାରିଥିଲେ। ଆକ୍ରମଣରେ ନାବାଳକଙ୍କ ବିଭିନ୍ନ ସ୍ଥାନରୁ ରକ୍ତସ୍ରାବ ହୋଇଥିଲା। ସେ ଗୁରୁତର ହୋଇ ତଳେ ପଡିଯାଇଥିଲେ। ଏହାଦେଖି ଅଭିଯୁକ୍ତ ଯୁବକ ଜଣଙ୍କ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପୋଖରୀ ନିକଟରେ ଥିବା ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ନାବାଳକଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତରମାନେ ସନିଆଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଗୋଷାଣୀନୂଆଗାଁ ପୁଲିସ ମେଡିକାଲ ଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।



## ଅସହାୟ ବୃଦ୍ଧାଙ୍କ ଶବଦାହ



ବ୍ରହ୍ମପୁର,୧୬।୬(ସମିସ): ହିଞ୍ଜିଳି ବ୍ଲକ କଞ୍ଚୁ ପଞ୍ଚାୟତ କଣ୍ଟେଇକୁଳି ଗ୍ରାମର ବୟସ୍କା ବୃଦ୍ଧା ସରସ୍ୱତୀ ସାହୁଙ୍କ ଗତ କିଛି ଦିନ ପୂର୍ବେ ଦୁର୍ଘଟଣାର ଶିକାର ହୋଇ ଏମକେସିଜି ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ। ଗତକାଲି ସନ୍ଧ୍ୟାରେ ତାଙ୍କ ପରଲୋକ ହୋଇଥିଲା। ଆଜି ସକାଳେ ଶବ ବ୍ୟବଚ୍ଛେଦ କରାଯାଇଥିଲା। ତାଙ୍କର କିଏ ନଥିବା ଜାଣିପାରି ଜଣେ ସମ୍ପର୍କୀୟ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଅଫିସକୁ ଯୋଗାଯୋଗ କରିଥିଲେ। ଏ ଖବର ପାଇ ଯୁବ ନେତା ଜ୍ୟୋତିରଞ୍ଜନ ସାହୁ, ଗିରିଜା ଶତପଥୀ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଶୋଭନ ନାୟକ, ଛାତ୍ର ନେତା ଶୀର୍ଷକ ପାତ୍ର କଥାବାର୍ତ୍ତା କରି ମର ଶରୀରକୁ ସ୍ମଶାନରେ ଶବଦାହ କରାଇଥିଲେ। ଏହି ଉଦ୍ୟମକୁ ବିଭିନ୍ନ ସ୍ତରରେ ପ୍ରଶଂସା କରାଯାଇଛି।

### ବ୍ରହ୍ମପୁରରେ ଧିମେଇଛି ଏଚପିଭି ଟିକାକରଣ

## ୨୯୬୮ କିଶୋରୀଙ୍କ ମଧ୍ୟରୁ ୭୫୭ରେ ସୀମିତ ଟିକାକରଣ

ବ୍ରହ୍ମପୁର,୧୬।୬(ସମିସ)

ଗଞ୍ଜାମ ଜିଲ୍ଲା ସମେତ ବ୍ରହ୍ମପୁର ସହରରେ କିଶୋରୀମାନଙ୍କ ପାଇଁ ଆରମ୍ଭ ହୋଇଥିବା ଏଚପିଭି (ହ୍ୟୁମାନ ପାପିଲୋମା ଭାଇରସ) ଟିକାକରଣ କାର୍ଯ୍ୟକ୍ରମ ଧିମେଇ ଯାଇଛି। ଗର୍ଭାଶୟ ମୁଖ କର୍କଟ (ସର୍ଭାଇକାଲ୍ କ୍ୟାନ୍‌ସର) ରୋଗ ପ୍ରତିରୋଧ ଲକ୍ଷ୍ୟରେ ସରକାର ଏହି ଟିକାକରଣ ଅଭିଯାନ ଆରମ୍ଭ କରିଥିଲେ ମଧ ଜିଲ୍ଲାରେ ଆଶାନୁରୂପ ସଫଳତା ମିଳୁନାହିଁ। ୧୪ରୁ ୧୫ବର୍ଷ ମଧ୍ୟରେ କିଶୋରୀ ଓ ବାଳିକାଙ୍କ ପାଇଁ ସହରର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଓ ଘରୋଇ ହସ୍ପିଟାଲରେ ଟିକା ଉପଲବ୍ଧ ଥିଲେ ମଧ ଅନେକ ଅଭିଭାବକ ସଚେତନତା ଅଭାବ ଓ ଭ୍ରାନ୍ତ ଧାରଣା କାରଣରୁ ନିଜ ସନ୍ତାନଙ୍କୁ ଟିକା ଦେବାକୁ ଆଗ୍ରହ ଦେଖାଉ ନାହାନ୍ତି। ସ୍ୱାସ୍ଥ୍ୟ ବିଭାଗ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଚାଲିଥିଲେ ମଧ ଟିକାକରଣର ଗତି ମନ୍ଥର ରହିଛି। ଏଚପିଭି ଟିକା ଗର୍ଭାଶୟ ମୁଖ କର୍କଟ ରୋଗ ପ୍ରତିରୋଧରେ ଅତ୍ୟନ୍ତ ପ୍ରଭାବଶାଳୀ ଓ ନିରାପଦ। ତେଣୁ ଯୋଗ୍ୟ ବୟସର କିଶୋରୀମାନଙ୍କୁ ନିଶ୍ଚିତ ଭାବେ ଏହି ଟିକା ଦେବାକୁ ବିଶେଷଜ୍ଞ ମାନେ ପକ୍ଷରୁ ପରାମର୍ଶ ଦିଆଯାଉଛି। କିନ୍ତୁ ଗଞ୍ଜାମ ଜିଲ୍ଲାରେ ବିଭିନ୍ନ କାରଣକୁ ନେଇ ଟିକାକରଣ ଆଶାନୁରୂପ ଆଗେଇପାରୁ ନାହିଁ। ବ୍ୟାପକ ବ୍ୟବସ୍ଥା ଓ ସଚେତନତା ସତ୍ତ୍ୱେ ଜିଲ୍ଲାରେ ଧାର୍ଯ୍ୟର ଶତକଡ଼ା ୫୪ ପ୍ରତିଶତ ବର୍ତ୍ତମାନସୁଦ୍ଧା ଶେଷ ହୋଇଛି। ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ସମୟ ସୀମା ଶେଷ ହୋଇଥିବା ବେଳେ ବର୍ତ୍ତମାନ ପୁଣି ଥରେ ଆଉ ଏକ ମାସ ସମୟ ସୀମା ବୃଦ୍ଧି କରାଯାଇଛି। ଫଳରେ ଚଳିତ ମାସ ଜିଲ୍ଲା ମୋଟି ୭୮ଟି ସ୍ୱାସ୍ଥ୍ୟ କେନ୍ଦ୍ର ସମତେ ବ୍ରହ୍ମପୁର ସରହଦ ୩ଟି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏଚପିଭି ଟିକାକରଣ ଜାରି ରହିଛି। ଜିଲ୍ଲାର ପ୍ରାୟ ୪୦ଲକ୍ଷ ମଧ୍ୟରୁ ୨୭ହଜାର ୧୫୩ ଜଣ କିଶୋରୀଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେମାନଙ୍କ ମଧ୍ୟରୁ ବର୍ତ୍ତମାନସୁଦ୍ଧା ୧୪ହଜାର ୭୬୧ ଜଣଙ୍କୁ ଟିକା ପ୍ରଦାନ କରାଯାଇଛି। କିନ୍ତୁ ବ୍ରହ୍ମପୁର ମହାନଗର ନିଗମରେ ଏହି ଟିକାକରଣ ବେସ ଧିମେଇଛି। ସହରର ୨୯୬୮ କିଶୋରୀଙ୍କୁ ଟିକାକରଣ ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ବର୍ତ୍ତମାନସୁଦ୍ଧା ୭୫୭ ଜଣଙ୍କୁ ଟିକାକରଣ କରାଯାଇଥିବା ଜଣାପଡ଼ିଛି। ଯାହାକି ଟିକାଦାନର ମାତ୍ର ୨୬ ପ୍ରତିଶତ ରହିଛି। ସେହିପରି ଜିଲ୍ଲାର ବିଭିନ୍ନ ବ୍ଲକରେ ପ୍ରାୟ ଶତକଡ଼ା ୬୦ପ୍ରତିଶତରୁ କମ୍ ଟିକାକରଣ ହୋଇଥିବା ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଟିକା ଗ୍ରହଣ ଦ୍ୱାରା ପାଶ୍ୱର୍ ପ୍ରତିକ୍ରିୟାକୁ ନେଇ ଅପପ୍ରଚାର ସାଙ୍ଗକୁ ଦ୍ୱନ୍ଦ୍ୱ ସୃଷ୍ଟି କରାଯାଉଥିବାରୁ ଟିକାକରଣ ଧିମା ପଡ଼ିଥିବା କୁହାଯାଉଛି। ଟିକା ନେବା ପରେ ଗୁରୁତର ସମସ୍ୟା ପ୍ରାୟତଃ ହୁଏ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବାରମ୍ବାର ସଚେତନ କରାଯାଉଛି। କିନ୍ତୁ ଜିଲ୍ଲାର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କିଶୋରୀ ଓ ବାଳିକାଙ୍କ ଅଭିଭାବକମାନଙ୍କ ମନରେ ଭୟ ସୃଷ୍ଟି ହେଇଛି। ତେବେ ଟିକାକରଣକୁ ତ୍ୱରାନ୍ୱିତ କରିବା ପାଇଁ ଅଧିକ ସଚେତନତା ସୃଷ୍ଟି, ଅଭିଭାବକଙ୍କ ସହ ସିଧାସଳଖ ଆଲୋଚନା ଏବଂ ସ୍କୁଲସ୍ତରରେ ପ୍ରଚାର ଉପରେ ଜୋର ଦେବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ନଚେତ୍ ଗର୍ଭାଶୟ ମୁଖ କର୍କଟ ରୋଗ ନିରାକରଣ ଲକ୍ଷ୍ୟ ପୂରଣରେ ବାଧା ସୃଷ୍ଟି ହେବାରେ ଯଥେଷ୍ଟ ଆଶଙ୍କା ରହିଛି। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଜରୁରି ହୋଇପଡ଼ିଛି ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ଲୋକଙ୍କ ମନରୁ ଭ୍ରାନ୍ତ ଧାରଣା ହଟିଲେ ଟିକାକରଣ ହାର ବଢ଼ିବ ବୋଲି ଆଶା କରାଯାଉଛି।

- ବ୍ଲକ୍ ସ୍ତରରେ ଶତକଡ଼ା ୬୦ ପ୍ରତିଶତରୁ କମ୍ ଟିକାକରଣ
- ଜିଲ୍ଲାର ୭୮ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ଏଚ୍‌ପିଭି ଟିକା

## ମୌଳିକ ସୁବିଧାରୁ ବଞ୍ଚିତ ଏମ୍‌କେସିଜି ମହାପ୍ରୟାଣ ଗାଡ଼ିଚାଳକ

ବ୍ରହ୍ମପୁର,୧୬।୬(ସମିସ)

ସରକାରଙ୍କ ମହାପ୍ରୟାଣ ଯୋଜନା ମାଧ୍ୟମରେ ମୃତକଙ୍କ ପରିବାରକୁ ନିଶୁଳ୍କ ଭାବେ ମରଶରୀର ପରିବହନସେବା ଯୋଗାଇଦିଆଯାଉଥିବାବେଳେ, ଏହି ସେବା ସହ ଜଡ଼ିତ ଗାଡ଼ିଚାଳକମାନେ ନିଜେ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବା ଅଭିଯୋଗ ଉଠିଛି। ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ କାର୍ଯ୍ୟରତ ମହାପ୍ରୟାଣ ସେବା ଗାଡ଼ିଚାଳକମାନଙ୍କ ପାଇଁ ବିଶ୍ରାମ ନେବାକୁ କୌଣସି ସ୍ଥାୟୀ ବ୍ୟବସ୍ଥା ନଥିବାରୁ ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗାଡ଼ି ଚାଳକମାନେ ଗଞ୍ଜାମ ଜିଲ୍ଲା ପ୍ରଶାସନ ନିକଟରେ ସମସ୍ୟା ନେଇ ଅଭିଯୋଗ କରିଛନ୍ତି। ଦିନରାତି ୨୪ ଘଣ୍ଟା ସେବା ଯୋଗାଇବାକୁ ପଡୁଥିବା ଏହି ଚାଳକମାନେ ଖୋଲା ଆକାଶ ତଳେ କିମ୍ବା ଗାଡ଼ି ଭିତରେ ବିଶ୍ରାମ ନେବାକୁ ବାଧ ହେଉଛନ୍ତି। ବିଶ୍ରାମ କକ୍ଷ, ପିଇବା ପାଣି, ଶୌଚାଳୟ ଏବଂ ବସିବା ପାଇଁ ଉପଯୁକ୍ତ ସ୍ଥାନ ଭଳି ସୁବିଧା ମଧ ସେମାନଙ୍କ ପାଇଁ ଉପଲବ୍ଧ ନଥିବା ଚାଳକମାନେ ଅଭିଯୋଗ କରିଛି। ଦୂରଦୂରାନ୍ତରୁ ଆସୁଥିବା ମରଶରୀରକୁ ନେଇ ରାତିଦିନ କାମ କରୁଥିଲେ ମଧ ସେମାନଙ୍କ ସମସ୍ୟା ପ୍ରତି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ ବୋଲି ସେମାନେ ଦାବି କରିଛନ୍ତି।

## ପାଠ୍ୟ ପୁସ୍ତକରେ ମାଳମାଳ ଭୁଲ; ଆଣ୍ଟଉଛି ଓଡ଼ିଆ ଅସ୍ମିତା

ବ୍ରହ୍ମପୁର,୧୬।୬(ସମିସ)

ସ୍କୁଲରେ ବହି ବଣ୍ଟନ ସରିଛି। ଆଉ ଦିନକ ପରେ ସ୍କୁଲ ଖୋଲିବ। ପିଲାଙ୍କ ପାଠପଢା ବି ଆରମ୍ଭ ହେବ। ଏଣେ ବହିରେ ମାଳ ମାଳ ଭୁଲ ଥିବା ଜଣାପଡ଼ିଛି। ଯାହାକୁ ନେଇ ଅଭିଭାବକ ଚିନ୍ତାପ୍ରକଟ କରିଥିବା ବେଳେ ଶିକ୍ଷାବିତ୍ ତିବ୍ର ସମାଲୋଚନା କରିଛନ୍ତି। ପାଠ୍ୟପୁସ୍ତକ ମିଳିବା ଆରମ୍ଭରୁ ପିଲାମାନେ ଭୁଲ ପାଠ ପଢିଥିବା ମଧ ସ୍ପଷ୍ଟ ହୋଇଯାଇଛି। ସେମାନଙ୍କ ମନରୁ ଭୁଲ୍‌କୁ ଲିଭାଇ ପୁନଃ ସଠିକ୍ ପାଠ ପଢାଇବା ଜରୁରୀ ହୋଇଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବଣ୍ଟନ ହୋଇଥିବା ବହିରେ ଅନେକ ତ୍ରୁଟି ଦେଖାଦେଇଛି। ନୂତନ ଶିକ୍ଷାନୀତି ଆଧାରରେ ଏହା ଛପା ଯାଇଥିବା ଜଣାପଡ଼ିଛି। ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ କ୍ଷମତାକୁ ଆସିଥିବା ରାଜ୍ୟ ସରକାରଙ୍କ ଅମଳରେ ଏଭଳି ଭୁଲ କିପରି ହେଲା ବୋଲି ବିଭିନ୍ନ ମହଲରୁ ପ୍ରଶ୍ନ କରାଯାଇଛି। ଏନେଇ ପ୍ରାକ୍ତନ ଶିକ୍ଷକ ତଥା ଆଇନଜୀବୀ ଅନନ୍ତ ନାରାୟଣ ମହାନ୍ତି କହିଛନ୍ତି ଯେ, ଆମ ଓଡ଼ିଆ ଅସ୍ମିତା ବିପଦପୂର୍ଣ୍ଣ ଅବସ୍ଥାକୁ ଆସିଗଲା। ଭାଷା ସାହିତ୍ୟ ସମେତ ବିଭିନ୍ନ ପାଠ୍ୟକ୍ରମରେ ବଡ଼ ଭୁଲ। ଯେତେବେଳେ କିଛି କହୁଥିଲେ "ଅଣଓଡ଼ିଆ ଓଡ଼ିଶାକୁ ଶାସନ କରୁଛି, ଓଡ଼ିଆ କହିପାରୁନଥିବା ମୁଖ୍ୟମନ୍ତ୍ରୀ ଓଡ଼ିଶାର ଶାସନ ଗାଦିରେ ବସିଛି। ସେତେବେଳେ ଭାଷା ସାହିତ୍ୟର ବହିରେ ଏପରି ଭୁଲ କିମ୍ବା କଦର୍ଥ କଦର୍ଯ୍ୟ ନଥିଲା। ଯେତେବେଳେ ଆମ ଓଡ଼ିଶାର ଅସ୍ମିତାର ଶାସନ, ଓଡ଼ିଆ ପଢୁଆ ମନ୍ତ୍ରୀ ଏବଂ କେନ୍ଦ୍ର ଶିକ୍ଷା ବିଭାଗରେ ମଧ ଆମ ଓଡ଼ିଆ ପୁଅ ମନ୍ତ୍ରୀ ସେତେବେଳେ ପ୍ରଥମରୁ ଅଷ୍ଟମ କେବଳ ଭାଷା ସାହିତ୍ୟରେ ଗଣ୍ଡା ଗଣ୍ଡା ଭୁଲ। ପ୍ରଥମ ଶ୍ରେଣୀ ୭ଟି ପୃଷ୍ଠାରେ ୯ଟି ଭୁଲ, ଦ୍ୱିତୀୟ ଶ୍ରେଣୀ ୧୦ଟି ପୃଷ୍ଠାରେ ୧୦ଟି ଭୁଲ, ତୃତୀୟ ଶ୍ରେଣୀ ୩୬ଟି ପୃଷ୍ଠାରେ ୪୦ଟି ଭୁଲ, ଚତୁର୍ଥ ଶ୍ରେଣୀ ୬୦ଟି ପୃଷ୍ଠାରେ ୮୦ରୁ ଅଧିକ ଭୁଲ, ପଞ୍ଚମ ଶ୍ରେଣୀ ୧୯ଟି ପୃଷ୍ଠାରେ ୩୦ରୁ ଅଧିକ ଭୁଲ, ଷଷ୍ଠ ଶ୍ରେଣୀ ୫ଟି ପୃଷ୍ଠାରେ ୫ଟି ଭୁଲ, ଅଷ୍ଟମ ଶ୍ରେଣୀ ୩୧ଟି ପୃଷ୍ଠାରେ ୫୦ରୁ ଅଧିକ ଭୁଲ ରହିଥିବା ଶ୍ରୀ ମହାନ୍ତି କହିଛନ୍ତି। ଭାଷା ସାହିତ୍ୟର ଉପରୋକ୍ତ ଭୁଲ ବ୍ୟତୀତ ଅନ୍ୟ ବହିଗୁଡିକରେ ଅନେକ କଦର୍ଥ ବିକୃତ ପରିଲକ୍ଷିତ ହୋଇଥିବା ସେ ପ୍ରକାଶ କରିଛନ୍ତି। ଏପରି ଭୁଲ ଛପା ଥିବା ପୁସ୍ତକରୁ କୋମଳମତି ଶିକ୍ଷାର୍ଥୀମାନେ କଣ ଶିକ୍ଷା କରିବେ ବୋଲି ପ୍ରଶ୍ନ କରାଯାଇଛି। ଏହି ଘଟଣା ପଦାକୁ ଆସିବା ପରେ ଶିକ୍ଷା ବିଭାଗ କଡ଼ା ସମାଲୋଚନାର ଶିକାର ହୋଇଛି।

**ଭୁଲ୍‌ରୁ କୋମଳମତି ଶିଖିବେ କ'ଣ ?**

ସକାଳ THE SAKALA



www.sakalaepaper.com

# ଜଗଦଳପୁରରେ ମା' କାଳୁଆଙ୍କ ତିନିଦିନିଆ ଯାତ୍ରା

ବ୍ରହ୍ମପୁର, ୧୬।୬ (ସମିସ): ପ୍ରତିବର୍ଷ ଭଳି ଚଳିତ ରଜ ଅବସରରେ ଜଗଦଳପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା କାଳୁଆଙ୍କ ତିନିଦିନିଆ ପାରମ୍ପରିକ ଯାତ୍ରା ସୋମବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଗ୍ରାମ ଉତ୍ସବମୁଖର ପରିବେଶରେ ମୁଖରିତ ହୋଇଉଠିଛି। ଯାତ୍ରାର ପ୍ରଥମ ଦିନ ମା କାଳୁଆଙ୍କ ମନ୍ଦିର ପରିସରରେ ବିଧିବଦ୍ଧ ଭାବେ ହୋମଯଜ୍ଞ ଓ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ରାତ୍ରିରେ ମା' କାଳୁଆଙ୍କୁ ଏକ ବିରାଟ ପଟୁଆରରେ ନଗର ପରିକ୍ରମା କରାଯାଇଥିଲା। ଭକ୍ତମାନଙ୍କ ଜୟଧ୍ୱନି ଓ ବାଦ୍ୟବାଦନ ମଧ୍ୟରେ ଦେବୀ ବିଭିନ୍ନ ସାହି ପରିକ୍ରମା କରି ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ଏହି ଉତ୍ସବରେ ଦିଗପହଣ୍ଡି ବିଧାୟକ ଡ଼ା. ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ ମା'ଙ୍କ ଦର୍ଶନ କରିବା ସହ



ଅଞ୍ଚଳବାସୀଙ୍କ ଶୁଭେଚ୍ଛା ଜଣାଇଥିଲେ। ବ୍ଲକ ଉପାଧ୍ୟକ୍ଷ ବିଷ୍ଣୁ ପ୍ରିୟା ପାତ୍ର, ସରପଞ୍ଚ କ୍ରାନ୍ତି କୁମାରୀ ଦେବୀ, ସମିତିସଭ୍ୟ ବି.ରବୀନ୍ଦ୍ରନାଥ ପାତ୍ର, ପୂର୍ବତନ ସରପଞ୍ଚ ଏଲ୍. ପୁରୁଷୋତ୍ତମ ପାତ୍ର, ସମାଜସେବୀ ପଞ୍ଚାନନ ସାହୁ ଓ ରାଧାମୋହନ ପାତ୍ରଙ୍କ ସମେତ କାଳୁଆ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଏବଂ ଗ୍ରାମବାସୀମାନେ ଯାତ୍ରା ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଯାତ୍ରାକୁ ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ପ୍ରଦାନ ଲକ୍ଷ୍ୟରେ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଯାତ୍ରା ଅବସରରେ ଆୟୋଜିତ ମୀନାବଜାର ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ପାର୍ଶ୍ୱ ଗ୍ରାମରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାରୁ ଜଗଦଳପୁର ଗ୍ରାମ ଉତ୍ସବମୁଖର ହୋଇଉଠିଛି।

■ କ୍ରିକେଟ୍ ଖେଳି ଘରକୁ ଫେରୁଥିଲେ

## ବଜ୍ରପାତରେ ଛାତ୍ରଙ୍କ ଜୀବନ ଗଲା

ଦିଗପହଣ୍ଡି,୧୬।୬(ସମିସ) ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ପଞ୍ଚାୟତ ଦଶିପୁର ଗ୍ରାମର କେ.ସହଦେବ ରେଡ୍ଡୀ ଙ୍କ ଏକମାତ୍ର ପୁଅ କେ. କାହ୍ନା ରେଡ୍ଡୀ ଓରଫ ମୁନ୍ନା (୧୭) ମଙ୍ଗଳବାର ଅପରାହ୍ନ ପ୍ରାୟ ୫ ଟାରେ କ୍ରିକେଟ ଖେଳି ଘରକୁ ଫେରୁଥିବା ବେଳେ ବଜ୍ରାଘାତ ହେବାରୁ ତାଙ୍କର ମୃତ୍ୟୁ ହୋଇଛି। କାହ୍ନା ଚଳିତବର୍ଷ ମାଟ୍ରିକ ପାସ କରିଥିଲେ। ଯୁକ୍ତ ୨ ପ୍ରଥମବର୍ଷରେ ନାମ ଲେଖାଇବା ପାଇଁ ବିଭିନ୍ନ କଲେଜ ରେ ଦରଖାସ୍ତ ଦାଖଲ କରିଥିଲେ। ଅପରାହ୍ନ ପ୍ରାୟ ୫ ଟାରେ ସେ ଘର ବାରି ପଟେ କିଛି ସାଙ୍ଗ ଙ୍କ ସହ କ୍ରିକେଟ ଖେଳୁଥିଲେ। ଆକସ୍ମିକ ବର୍ଷା ସହ ଘନଘନ ବଜ୍ରପାତ ହେବାରୁ ସେ ଦୌଡ଼ି ଦୌଡ଼ି ଘରକୁ ଫେରୁଥିଲେ। ବଜ୍ରାଘାତରେ ସେ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ପାଖରେ ଥିବା ସହପାଠୀ ମାନଙ୍କ ଠାରୁ ଖବରପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ସମ୍ପର୍କୀୟ ଙ୍କ ସହାୟତାରେ ତାଙ୍କୁ ଦିଗପହଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବି. ତୁରୁବୁଡ଼ି ପଞ୍ଚାୟତ ସରପଞ୍ଚ ବି. ଲିଙ୍ଗରାଜ ଦୋରା, ପୂର୍ବତନ ସରପଞ୍ଚ କେ. ସଞ୍ଜୀବ କୁମାର ରେଡ୍ଡୀ ଡାକ୍ତରଖାନାରେ ପହଞ୍ଚି ଉପସ୍ଥିତ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ପରେ ଡାକ୍ତର ଓ ପୁଲିସ କର୍ମଚାରୀଙ୍କ ସହ କଥାବାର୍ତ୍ତା କରି



ଅନୁକମ୍ପା ମୂଳକ ଆର୍ଥିକ ସହାୟତା ପାଇଁ ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଏନେଇ ଦିଗପହଣ୍ଡି ଥାନାରେ ଏତଲା ହେବାପରେ ଆଇଆଇସି କିଶୋର କୁମାର ସାମଲ ଥାନା ଅପମୃତ୍ୟୁ ମାମଲା ନଂ.୩୧/୨୬ ଅନୁଯାୟୀ ମାମଲା ପଞ୍ଜୀକୃତ କରିଛନ୍ତି। ପୁଲିସ ଟିମ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି।

## ଦାଦାବଟି ମାଗିବା ଓ ହତ୍ୟା ଧମକ ଦେଇ ୨ ଗିରଫ

ରଙ୍ଗେଇଲୁଣ୍ଡା,୧୬।୬(ସମିସ): ଗୋଳନ୍ଥରା ଥାନା ଅଞ୍ଚଳରେ ଏକ ଇଟା ଭାଟି ଗୁମାସ୍ତାଙ୍କୁ ଦାଦା ବଟି ମାଗିବା ଏବଂ ନ ଦେବାରୁ ହତ୍ୟା ଧମକ ଦେବା ଘଟଣାରେ ଆଜି ଗୋଳନ୍ଥରା ପୋଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନୂଆ ଜୁଗୁଡ଼ି ଗ୍ରାମର ବଚନ ଦାସ (୪୨) ଓ କୃଷ୍ଣ ଦାସ (୩୮) ବୋଲି ତଦନ୍ତ ଅଧିକାରୀ ଏଏସଆଇ ରମେଶ ଚନ୍ଦ୍ର ଚୌଧୁରୀ ସୂଚନା ଦେଇଛନ୍ତି। ସେମାନଙ୍କ ଠାରୁ ଗୋଟିଏ ଖଣ୍ଡା ଓ ବାଇକ ପୋଲିସ ଜବତ କରିଛି। ସୂଚନା ଅନୁସାରେ ନୂଆ ଜୁଗୁଡି ଗ୍ରାମ ନିକଟରେ ରାମ ରାଓ ନାମକ ଜଣେ ବ୍ୟକ୍ତି ଗତ କିଛିବର୍ଷ ହେଲା ଇଟା ଭାଟି କରିଛନ୍ତି। ସେଠାରେ ସୁଦାମ ଗୌଡ଼ ଗୁମସ୍ତା ରୂପେ କାର୍ଯ୍ୟ କରୁଥିଲେ। ଗତକାଲି ସନ୍ଧ୍ୟା ପ୍ରାୟ ୭ଟା ସମୟରେ ବଚନ ଓ କୃଷ୍ଣ ଇଟା ଭାଟିରେ ପହଞ୍ଚି ୧୦ ହଜାର ଟଙ୍କା ଦାଦା ବଟି ମାଗିଥିଲେ ଏବଂ ନ ଦେଲେ ଖଣ୍ଡା ଦେଖେଇ ଜୀବନ ମାରିଦେବି ବୋଲି ଭୟଭିତ କରିବା ସହ ହତ୍ୟା ଧମକ ଦେଇଥିଲେ। ଏଥିରେ ସୁଦାମ ଭୟଭୀତ ହୋଇ ତିନି ହଜାର ଟଙ୍କା ଦେଇଥିଲେ ଆଉ ୭ ହଜାର ଟଙ୍କା ମଙ୍ଗଳବାର ଦେବା ପାଇଁ କହିଥିଲେ। ମଙ୍ଗଳବାର ସକାଳେ ପୁଣି ବଚନ ଓ କୃଷ୍ଣ ବାଇକ ଯୋଗେ ଇଟା ଭାଟିକୁ ଯାଇ ସୁଦାମ ୭ ହଜାର ଟଙ୍କା ମାଗି ସହ ଖଣ୍ଡା ଦେଖିଇ ଧମକ ଚମକ ଆତଙ୍କ ରାଜ କରିଥିଲେ। ଖବର ପାଇ ଗୋଳନ୍ଥରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଘଟଣା ସ୍ଥଳରୁ କାବୁ କରିଥିଲେ କ୍ଷ ପୋଲିସ ସେଠାରୁ ଖଣ୍ଡା ଓ ବାଇକ ପୋଲିସ ଜବତ କରିଥିଲା। ଏ ନେଇ ସୁଦାମ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା କେଶ ନ ୨୨୨/୨୬ ପ୍ରକାରେ ପୋଲିସ ମାମଲା ରୁଜୁ କରିଥିଲା। ବଚନ ଓ କୃଷ୍ଣଙ୍କୁ ପୋଲିସ ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି।

## ଡୁରାରେ 'ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ'



ଛତ୍ରପୁର, ୧୬।୬(ସମିସ): 'ବିକାଶର ଧାରା, ଓଡ଼ିଶା ସାରା' ପରିପ୍ରେକ୍ଷୀରେ ମଙ୍ଗଳବାର ରଙ୍ଗେଇଲୁଣ୍ଡା ବ୍ଲକର ଡୁରା ପଞ୍ଚାୟତରେ ଆୟୋଜିତ 'ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ' କାର୍ଯ୍ୟକ୍ରମ ମାଧ୍ୟମରେ ଗଞ୍ଜାମ ଜିଲ୍ଲାକୁ ସ୍ୱଚ୍ଛ ଓ ପ୍ଲାଷ୍ଟିକମୁକ୍ତ କରିବାର ସଙ୍କଳ୍ପକୁ ଆହୁରି ସୁଦୃଢ କରାଯାଇଛି। ଜିଲ୍ଲାର ସ୍ୱଚ୍ଛତା ମାସ୍କଟ୍ 'କୃଷ୍ଣ' ସହିତ ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ନେତୃତ୍ୱରେ ବରିଷ୍ଠ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ-କର୍ମଚାରୀ ଏବଂ ସ୍ଥାନୀୟ ଅଞ୍ଚଳବାସୀ ସମ୍ମିଳିତ ଭାବେ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ। ସପ୍ତାହର ପ୍ରତି ମଙ୍ଗଳବାର ଦିନ ଏହି ମହତ୍ କାର୍ଯ୍ୟରେ ସକ୍ରିୟ ଯୋଗଦାନ କରି ଗଞ୍ଜାମ ଜିଲ୍ଲାକୁ ସାରା ଦେଶରେ ସ୍ୱଚ୍ଛତାର ଶୀର୍ଷସ୍ଥାନରେ ପହଞ୍ଚାଇବା ପାଇଁ ଜିଲ୍ଲାବାସୀଙ୍କୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି। ସ୍ୱଚ୍ଛ ଗଞ୍ଜାମ, ସୁସ୍ଥ ଗଞ୍ଜାମ ଆମ ସମସ୍ତଙ୍କର ଦାୟିତ୍ୱ।

## ବାଇକ୍ ପାଟ୍ରୋଲିଂ ଜୋରଦାର

ବ୍ରହ୍ମପୁର,୧୬।୬(ସମିସ): ବ୍ରହ୍ମପୁର ପୁଲିସ ଜିଲ୍ଲାର ସମସ୍ତ ଥାନା ଅଞ୍ଚଳରେ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ସହ ଅପରାଧିକ କାର୍ଯ୍ୟକଳାପକୁ ବନ୍ଦ କରିବା ନିମନ୍ତେ ଆରମ୍ଭ ହୋଇଥିଲା ବାଇକ ପାଟ୍ରୋଲିଂ। ଗତ ବର୍ଷ ମେ ମାସରେ ବ୍ରହ୍ମପୁର ପୁଲିସ ଜିଲ୍ଲାକୁ ୧୫ରୁ ଉର୍ଦ୍ଧ୍ୱ ବାଇକ ଆସିଥିଲା। ସେଥିମଧ୍ୟରୁ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ରହିଥିବା ଥାନାକୁ ଯିବ ୧୦ଟି ବାଇକ ଓ ବ୍ରହ୍ମପୁର ସହରରେ ପେଟ୍ରୋଲିଂ କରିବ ଆଉ ୫ଟି ବାଇକ। ଟ୍ରାଫିକ୍ ଥାନା ପାଇଁ ୫ଟି ବାଇକ୍ ଓ ଟାଉନ, ଗୋଶାଣୀନୂଆ ଗାଁ, ବିଏନପୁର, ବଡ଼ ବଜାର ଓ ନିମଖଣ୍ଡି ଥାନାକୁ ୨ଟି ଲେଖାଏଁ ଦିଆଯାଇଥିଲା।

ପ୍ରତ୍ୟେକ ବାଇକ୍ ସ୍ୱତନ୍ତ୍ର ଭାବରେ ଡିଜାଇନ୍ ଏବଂ ସାଇରନ୍, ବ୍ଲିଙ୍କର୍, ପବ୍ଲିକ୍ ଆଡ୍ରେସ୍ ସିଷ୍ଟମ୍ -ମେଗାଫୋନ୍ ସହିତ ସଜ୍ଜିତ ହୋଇଛି । ଏହା ସହିତ ଯେଉଁଠାରେ ଚାରି ଚକିଆ ଯାନଗୁଡ଼ିକର ପ୍ରବେଶ ରହିବ ନାହିଁ ସେଠି ଏହି ପାଟ୍ରୋଲିଂ ବାଇକ୍ ଗୁଡିକ ଶୀଘ୍ର ପହଞ୍ଚିପାରିବ ବୋଲି କୁହାଯାଇଛି। ଦୁର୍ଘଟଣା ରୋକିବାରେ ଦାୟିତ୍ୱ ନେବାକୁ, ନିୟମ ପାଳନ କରିବାକୁ ଏବଂ ପୁଲିସ ସହିତ ସହଯୋଗ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସଡ଼କ ସୁରକ୍ଷା ଉପରେ ବାଇକ୍ ପାଟ୍ରୋଲିଂର ଧ୍ୟାନ ରହିବ। ଅନେକ ସମୟରେ ବେଆଇନ ପାର୍କିଂ, ଭୁଲ ରାସ୍ତାରେ ଗାଡି ଚାଳନା ଏବଂ ଯାନବାହନ ଭାଙ୍ଗିଯିବା ଯୋଗୁଁ ଟ୍ରାଫିକ୍ ଜାମ୍ ହୁଏ । ଟ୍ରାଫିକ୍ ପୁଲିସ କର୍ମଚାରୀମାନେ କମ୍ ସମୟ ମଧ୍ୟରେ ଟ୍ରାଫିକ୍ ବାଧା ସୃଷ୍ଟି କରୁଥିବା ଏବଂ ସଡ଼କ ଦୁର୍ଘଟଣା ଘଟୁଥିବା ଅଞ୍ଚଳଗୁଡ଼ିକରେ ପହଞ୍ଚିପାରିବେ। ସହରରେ ଏହି ନୂତନ ବାଇକ ପେଟ୍ରୋଲିଂ ଆରମ୍ଭ ହୋଇଥିବା ବେଳେ ସହରର ବିଭିନ୍ନ ଗଳିକନ୍ଦିରେ ପୁଲିସ ବାଇକରେ ଯାଇ ପେଟ୍ରୋଲିଂ କରୁଥିଲେ ହେଁ ଲୋକେ ସୁଧୁରୁ ନଥିବା ଦେଖିବାକୁ ମିଳିଥିଲା।

## ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର ପକ୍ଷରୁ ରଜ ଉତ୍ସବ

ବ୍ରହ୍ମପୁର,୧୬।୬(ସମିସ): ନୀଳକଣ୍ଠନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପରିସର ମଧ୍ୟରେ ରଜ ଉତ୍ସବ ପାଳିତ ହୋଇଯାଇଅଛି। କାର୍ଯ୍ୟକ୍ରମରେ ମ୍ୟୁଜିକ୍ ଚେୟାର, ଦୋଳି, ଅଳତା ଏବଂ ରଜପାନ, ରଜଗୀତର ଭଳି ବିଭିନ୍ନ କାର୍ଯ୍ୟକ୍ରମରେ ତିନି ଶହ ଛାତ୍ରୀ ଯୋଗଦେଇଥିଲେ। ସେହିପରି ଗୀତ ନୃତ୍ୟ ସହିତ କୁଇଜ୍ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ କୃତି ପ୍ରତିଯୋଗିଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଚ୍ଚିଦାନନ୍ଦ ପୁରୋହିତ, ବୃନ୍ଦାବନ ସାହୁ, ଜୟନ୍ତ ଆଚାର୍ଯ୍ୟ, ଦଣ୍ଡପାଣି ଆଚାରୀ, ବିଘ୍ନେଶ୍ୱରୀ ସାହୁ ଓ ନିର୍ମଳା ତ୍ରିପାଠୀ ପରିଚାଳନା କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଏସ୍. ମୋହନ ରାଓ ରଜର ଉତ୍ସବ ପାଳନର ମହତ୍ତ୍ୱ ଉପରେ ଆଲୋପାତ କରିଥିଲେ।

## ଗଜପତି ନଗରରେ ବିଇଏମସିର ସଫେଇ ଅଭିଯାନ



ବ୍ରହ୍ମପୁର,୧୬।୬(ସମିସ): ଆମ ଗଞ୍ଜାମ ସ୍ୱଛ ଗଞ୍ଜାମ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ୩୫ନଂ ୱାର୍ଡର୍ ଗଜପତି ନଗର ସପ୍ତମ ଲେନରେ ସଫେଇ ଅଭିଯାନ ସହ ଶପଥ ପାଠ କରାଯାଇଥିଲା। ଏଥିରେ ସ୍ଥାନୀୟ କର୍ପୋରେଟର ସମୀର କୁମାର ମିଶ୍ର, ବିଇଏମସି ଡ଼େପୁଟି କମିଶନର ଆଶୀର୍ବାଦ ପରିଡା, ପରିମଳ ବିଶେଷଜ୍ଞ ମନୋଜ କୁମାର ପାଢୀ, ଆଲୋକ ଦାଶ ପ୍ରମୁଖଙ୍କ ସମେ ସଫେଇ କର୍ମଚାରୀ ମାନେ ସାମିଲ ହୋଇଥିଲେ।

## ଭୀୟୁସ୍ ପକ୍ଷରୁ "ଲିଟଲ୍ ଟିଚର' ପ୍ରଶିକ୍ଷଣ




ଗଞ୍ଜାମ/ରମ୍ଭା,୧୬।୬(ସମିସ): ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ପୋଡ଼ମପେଟା ଓଡ଼ିଆରପି କଲୋନୀରେ ଅନ୍ତର୍ଜାତୀୟସ୍ତରୀୟ ସାମାଜିକ ସଂଗଠନ ଭିୟୁସ୍ ପକ୍ଷରୁ ଡ଼ିଜିଟାଲ୍ ଲିଟେରେଶି କେନ୍ଦ୍ର ପରିସରରେ ସ୍ଥାନୀୟ ଅଞ୍ଚଳର କିଶୋର କିଶୋରୀ ମାନଙ୍କୁ ଲିଟିଲ୍ ଟିଚର୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍ଘାଟନ କାର୍ଯ୍ୟକ୍ରମରେ ଓଡ଼ିଶା ସାମ୍ବାଦିକ ସଂଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରି ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା ଗ୍ରହଣ ଓ ଶିକ୍ଷାଦାନ କେତେ ମହତ୍ତ୍ୱ ପୌରାଣିକ ତଥ୍ୟ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଅନ୍ୟତମ ଅତିଥି ଭାବେ ତଥା ପ୍ରଶିକ୍ଷକ ଭାବେ ଯୁବ ସଂଗଠକ ତଥା ସ୍ୱାସ୍ଥ୍ୟ ପରାମର୍ଶଦାତା ଡି. ଦେବହରି ରେଡି ବିଭିନ୍ନ ଗୋଷ୍ଠୀଭିତ୍ତିକ କ୍ରୀଡ଼ା ଓ ସଙ୍ଗୀତ ଦ୍ୱାରା ଉତ୍ସାହିତ କରିବା ସହ ଜୀବନରେ ପ୍ରତି ମୁହୂର୍ତ୍ତରେ ଶିକ୍ଷା ଗ୍ରହଣ ଓ ଶିକ୍ଷାଦାନ ପ୍ରକ୍ରିୟା ଚାଲିଥାଏ। ଏଥିପାଇଁ ନିଜର ଆନ୍ତରିକତା ରହିବା ଉଚିତ ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ପୋଡୋମପେଟା ଗ୍ରାମର ପୂର୍ବତନ ୱାର୍ଡ ସଭ୍ୟା ଶ୍ରୀମତୀ ଡି.ହାଡ଼ିଆମ୍ମା ଯୋଗଦେଇଥିଲେ। ଭିୟୁଷ ଅନୁଷ୍ଠାନର କୋଡିନେଟର ଜେ.ଟିଟୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କମ୍ପ୍ୟୁଟର ପ୍ରିଶିକ୍ଷିକା ଶ୍ରୀମତୀ ଡି ପଦ୍ମିନୀ ସଂଯୋଜନା କରିଥିଲେ।

ସି.ଏଚ ଗୌରହରି କାର୍ଯ୍ୟକ୍ରମ ସୁପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ଷାଠିଏରୁ ଉର୍ଦ୍ଧ ବାଳିକା ବାଳକ ଅଂଶ ଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ।

## ଘୁମୁସର ଲେଖିକା ସଂସଦ ପକ୍ଷରୁ ରଜ ଉତ୍ସବ



ଭଞ୍ଜନଗର,୧୬।୬(ସମିସ): ଘୁମୁସର ଲେଖିକା ସଂସଦ ପକ୍ଷରୁ ରଜ ଉତ୍ସବ- ୨୦୨୬ ପାଳିତ ହୋଇଯାଇଛି। ସହର ତଳି ବାଉଁଶଲୁଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଆୟୋଜିତ ଏହି ଉତ୍ସବ ଅନୁଷ୍ଠାନର ସଭାନେତ୍ରୀ ଇ. ମାହେଶ୍ୱରୀ ଦୋରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବାଉଁଶଲୁଣ୍ଡି ପଞ୍ଚାୟତର ସରପଞ୍ଚ ଉଦ୍ଧବ ମିଶ୍ର ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ଉଦଘାଟକ ଭାବେ ସରପଞ୍ଚ ପ୍ରତିନିଧିଭାରତୀ କୁମାରୀ ମିଶ୍ର, ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଶୈଳବାଳା ବିଷୋୟୀ, ମୁଖ୍ୟବକ୍ତା ଭାବେ ବଡକୋଦଣ୍ଡା ଗ୍ରାମ ପଞ୍ଚାୟତ ସରପଞ୍ଚ ରେଶ୍ମା କୁମାରୀ ନାୟକ, ସମ୍ମାନୀତ ଅତିଥି ଭାବେ ଝରଣା ଜେନା ଯୋଗ ଦେଇଥିଲେ।

ସଂପାଦିକା ଡ଼ଃ ନଳିନୀପ୍ରଭା ଦାସ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟ ପରିଚାଳନା କରିଥିଲେ। ରଜନୀ ସେଠି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ସାଂଗଠନିକ ସଂପାଦିକା ଡା ଗାୟତ୍ରୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁଜାତା ସିଂହ ମଞ୍ଚ ପରିଚାଳନା କରି କାର୍ଯ୍ୟକ୍ରମକୁ ଆଗକୁ ନେଇଥିଲେ। ଏହି ରଜ ଉତ୍ସବ ଅବସରରେ ମହିଳାଙ୍କ ମଧ୍ୟରେ ପିଠା ପ୍ରତିଯୋଗିତା ଏବଂ କୁମାରୀ ଝିଅଙ୍କ ମଧ୍ୟରେ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସମସ୍ତଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। କୁଇଜ୍ କାର୍ଯ୍ୟକ୍ରମକୁ ଶୁଭସ୍ମିତା ଦାଶ ପରିଚାଳନା କରିଥିଲେ। ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଗଲା। ପ୍ରାୟ କୋଡିଏ ମହିଳା ଏବଂ ତିରିଶିରୁ ଉର୍ଦ୍ଧ୍ୱ ଝିଅ କାର୍ଯ୍ୟକ୍ରମରେ ଯୋଗ ଦେଇ ସମସ୍ତେ ରଜଦୋଳି ଖେଳର ଏବଂ ରଜ ପାନର ମଜା ନେଇଥିଲେ। କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷା ଗୀତାଶ୍ରୀ ସାମନ୍ତ, ଗିରିଜା ନନ୍ଦିନୀ ଦାସ, ଶ୍ରୀୟାଶ୍ରୀ ପଟ୍ଟନାୟକ ଆଦି ଯୋଗ ଦେଇଥିଲେ। ବାଉଁଶଲୁଣ୍ଡିର ଭଞ୍ଜ କିଶୋର ପ୍ରଧାନ ସହଯୋଗ କରିଥିଲେ। ସ୍ନେହଲତା ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

## ତାଲୁକ ଆଇନ ସେବା କମିଟି ପକ୍ଷରୁ ସଚେତନତା

ଛତ୍ରପୁର,୧୬।୬(ସମିସ): ପ୍ରତିବର୍ଷ ଜୁନ୍ ୧୫ରେ ବିଶ୍ୱ ବୃଦ୍ଧ ନିର୍ଯ୍ୟାତନା ସଚେତନତା ଦିବସ ପାଳନ କରାଯାଏ। ଏନେଇ ଛତ୍ରପୁର ତାଲୁକ ଆଇନ ସେବା କମିଟି ସ୍ଥାନୀୟ ପବ୍ଲିକ ସ୍କୁଲ ପରିସରରେ ବରିଷ୍ଠ ନାଗରିକଙ୍କୁ ନେଇ ସବଜଜ ପୂଜା ଦେଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସଡିଜେଏମ ବିଷ୍ଣୁ ପ୍ରିୟା ସାମନ୍ତରାୟ, ଛତ୍ରପୁର ସିନିଅର ସିଟିଜେନ ଫୋରମର ସେକ୍ରେଟାରୀ ପ୍ରଫୁଲ୍ଲ ପଟ୍ଟନାୟକ, ତାଲୁକ ଆଇନ ସେବା କମିଟିର ସଦସ୍ୟ ମନୋଜ ର ପାଢ଼ୀ ଓ ସୁରଜିତ ସାମନ୍ତରାୟ, ସରକାରୀ ଓକିଲ ପ୍ରଦୀପ କୁମାର ପାଢ଼ୀ ଓ ବ୍ରଜ ମୋହନ ଆଚାର୍ଯ୍ୟ ଯୋଗଦେଇ ବରିଷ୍ଠ ନାଗରିକଙ୍କୁ ବୃଦ୍ଧାବସ୍ଥାରେ ପରିବାର ଓ ସମାଜରେ ସେମାନଙ୍କୁ ସମ୍ମାନ ଏବଂ ନ୍ୟାୟ ପ୍ରଦାନ କରିବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବୃଦ୍ଧାବସ୍ଥାରେ ବରିଷ୍ଠ ନାଗରିକଙ୍କ ପ୍ରତି ହେଉଥିବା ଅବହେଳା, ଶାରୀରିକ ଓ ମାନସିକ ନିର୍ଯାତନା ବିରୋଧରେ ସଚେତନ କରିବା ଏବଂ ସେମାନଙ୍କ ସୁରକ୍ଷା ନିଶ୍ଚିତ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରକାରୀ ଓକିଲ ପି. ଧର୍ମା ରେଡ୍ଡୀ, ମୋହନ ରେଡ୍ଡୀ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ଆଇନଜୀବୀ ଡ଼ଃ ପ୍ରଶାନ୍ତ ଶତପଥୀ, ଅବସରପ୍ରାପ୍ତ ଓଏଏସ ଅଫିସର ବଣ୍ଡେଶ୍ୱର ରଥଙ୍କ ସମେତ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ପ୍ରଫୁଲ୍ଲ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଙ୍କୁରେ ପ୍ରେମ ପକ୍ଷରୁ 'ରଜମଉଜ'

ବ୍ରହ୍ମପୁର,୧୬।୬(ସମିସ): ସ୍ଥାନୀୟ ଏକ କଲ୍ୟାଣମଣ୍ଡପ ପରିସରରେ ମିନି ପତ୍ରିକା 'ଅଙ୍କୁରେ ପ୍ରେମ' ଆନୁକୂଲ୍ୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ 'ରଜ ମଉଜ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କବି ଓ ସମାଲୋଚକ ଡ. କୁଳମଣି ଓଝାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ବିଶିଷ୍ଟ ନାଟ୍ୟକାର ଡା. ତିରୁପତି ସାହୁ ଯୋଗ ଦେଇ ଓଡ଼ିଆ ସଂସ୍କୃତିରେ ଗଣପର୍ବ ରଜର ସାଂସ୍କୃତିକ ମହତ୍ତ୍ୱ ବିଷୟରେ ବର୍ଣ୍ଣନା କରିଥିଲେ। ମୁଖ୍ୟଅତିଥି ଭାବେ 'ପ୍ରମେୟ' ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଅମ୍ବିକା ପ୍ରସାଦ ଦାଶ, ସମ୍ମାନିତ ଅତିଥି ଭାବେ ସମାଜସେବୀ



ତଥା ପ୍ରାକ୍ତନ ଇଂରାଜୀ ଅଧ୍ୟାପିକା ଶ୍ରୀଲତା ପାତ୍ର ଓ ପିତ୍ତଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟା ଅଧ୍ୟାପିକା କୁସୁମଲତା ମହାପାତ୍ର ଯୋଗଦେଇ ଓଡ଼ିଶାର ଅନନ୍ୟ ଗଣ-ବିନୋଦନର ଅବକାଶ ରଜ ପର୍ବର ବୈଜ୍ଞାନିକ ମହତ୍ତ୍ୱ, ଓଡ଼ିଆ ସଂସ୍କୃତିର ବୈଚିତ୍ର୍ୟମୟ ବିଭବ ଓ ତା'ର ସ୍ୱାତନ୍ତ୍ର୍ୟ ପ୍ରକଟନ ପୂର୍ବକ ରଜପର୍ବର ସାମାଜିକ ଆବେଦନ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ନଳିନୀକାନ୍ତ ଗୌଡ଼ଙ୍କ ଦ୍ୱାରା ସଂପାଦିତ ମିନି ପତ୍ରିକା 'ଅଙ୍କୁରେ ପ୍ରେମ' ପ୍ରଚ୍ଛଦ ପୃଷ୍ଠାର ଲୋକାର୍ପଣ କରାଯାଇଥିଲା। ମେ' ମାସରେ ଅନୁଷ୍ଠିତ ହୁଳହୁଳି, ଶଙ୍ଖବାଦନ, ସଂଗୀତ, ନୃତ୍ୟ, ଓଡ଼ିଆ କବିତା ଲିଖନ, ପାରମ୍ପରିକ ଫେସନ୍ ଶୋ, ପିଠା ଓ ମଞ୍ଜୁଆତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ସ୍ମୃତିଫଳକ ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ଆରମ୍ଭରେ 'ଅଙ୍କୁରେ ପ୍ରେମ'ର ସମ୍ପାଦକ ନଳିନୀକାନ୍ତ ଗୌଡ଼ ପ୍ରାକ୍-ସୂଚନା ଓ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଶେଷରେ ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଗ୍ୟଲକ୍ଷ୍ମୀ ମହାରଣା, ଡ. କାହ୍ନୁ ଚରଣ ସାହୁ, ତ୍ରିପତି ବାଲାଜୀ ପାତ୍ର ଓ ପ୍ରଭାତ କୁମାର ସାହୁ ଉପସ୍ଥିତ ଥିଲେ।

ମାଆ ଉଗ୍ରତାରା ରଜ ମହୋତ୍ସବ ଉଦ୍ଯାପିତ

# କୁନି କଳାକାରଙ୍କ ନୃତ୍ୟ ସଂଗୀତରେ ଝୁମିଲେ ଶ୍ରଦ୍ଧାଳୁ

ଭଞ୍ଜନଗର,୧୬।୬ (ସମିସ) : ମାଆ ଉଗ୍ର ତାରା ପୀଠରେ ଆୟୋଜିତ ୩ ଦିନିଆ ରଜ ମହୋତ୍ସବ - ୨୦୨୬ ମଙ୍ଗଳବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ପହିଲି ରଜ ଠାରୁ ଆରମ୍ଭ ହୋଇଥିବା ଏହି ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଭଞ୍ଜନଗର ସହରର ଅନ୍ୟତମ ନୃତ୍ୟ ସଙ୍ଗୀତ ଅନୁଷ୍ଠାନ 'ପ୍ରଜ୍ଞା' ର କଳାକାର ମାନେ ଶାସ୍ତ୍ରୀୟ ସଙ୍ଗୀତ ଓ ସମ୍ବଲପୁରୀ ସଙ୍ଗୀତରେ ଦଳଗତ ନୃତ୍ୟ ପ୍ରଦର୍ଶନ କରି ଉପସ୍ଥିତ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ମନୋରଞ୍ଜନ କରିଥିଲେ।



ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ଭଞ୍ଜନଗର ସହରର ସ୍ୱସ୍ତି ସିଦ୍ଧି ସଙ୍ଗୀତ ମଣ୍ଡଳୀ ପକ୍ଷରୁ ଶାସ୍ତ୍ରୀୟ ଓ ପାରମ୍ପରିକ ଭଜନ, ଜଣାଣ ସହ ଗ୍ରାମ୍ୟ ସଂସ୍କୃତିର ଝଲକ ନିଜର ସଙ୍ଗୀତ ମାଧ୍ୟମରେ ଉପସ୍ଥାପନ କରିଥିଲେ। ସେହିପରି କୁନି କଳାକାରଙ୍କ ଓଡିଶୀ ନୃତ୍ୟ ଓ ପଲ୍ଲୀ ନୃତ୍ୟ ସଙ୍ଗୀତ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ଚିତ୍ତ ହରଣ କରିଥିଲା। ଅଧ୍ୟାପକ ଅଶୋକ କୁମାର ସ୍ୱାଇଁ ଓ ଅଧ୍ୟାପକ ଦୁର୍ଗା ମାଧବ ଦାଶ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଙ୍ଗୀତ ସନ୍ଧ୍ୟାରେ ବହୁ ସ୍ଥାନୀୟ କଣ୍ଠଶିଳ୍ପୀ ନିଜର ସଂଗୀତ ପରିବେଷଣ କରିଥିଲେ। ମଙ୍ଗଳବାର ଶେଷ ସନ୍ଧ୍ୟାରେ ସହରର ଅନ୍ୟତମ ନୃତ୍ୟ ଅନୁଷ୍ଠାନ ସାଉଣ୍ଡ ଅନ୍ ଡ୍ୟାନ୍ସ ଷ୍ଟୁଡିଓ ପକ୍ଷରୁ ୩ ବର୍ଷରୁ ୧୦ ବର୍ଷ ର କୁନି କଳାକାରମାନେ ସେମାନଙ୍କ କୁନି ପାଦର ନୁପୁରର ରୁଣ୍ଡୁଝୁଣ୍ଡୁ ଶବ୍ଦରେ ସମସ୍ତଙ୍କୁ ବେଶ ମନ୍ତ୍ରମୁଗ୍ଧ କରି ବାନ୍ଧି ରଖିଥିଲେ। ଉଗ୍ର ତାରା ମନ୍ଦିର ପକ୍ଷରୁ ପରିଚାଳନା କମିଟିର ସମସ୍ତ ସଦସ୍ୟ ଏହି ୩ ଦିନର କାର୍ଯ୍ୟକ୍ରମକୁ ବେଶ ଶୃଙ୍ଖଳାର ସହ ପରିଚାଳନା କରିଥିଲେ। ଚଳିତ ବର୍ଷ ପ୍ରଥମ ଥର ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମାଆଙ୍କ ଦୟାରୁ ଏଭଳି କାର୍ଯ୍ୟକ୍ରମ ନିର୍ବିଘ୍ନରେ ୩ ଦିନ ଧରି ଆୟୋଜିତ ହୋଇଥିବା ବେଳେ ଆଗକୁ ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି କମିଟି ସଦସ୍ୟ ଅଶୋକ କୁମାର ସ୍ୱାଇଁ ନିଜ ପ୍ରତିକ୍ରିୟାରେ ଉଲ୍ଲେଖ କରିଛନ୍ତି।

## ପାଇଲିପଡ଼ାରେ ପଞ୍ଚାୟତ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି

ବେଲଗୁଣ୍ଠା,୧୬।୬(ସମିସ): ବେଲଗୁଣ୍ଠା ବ୍ଲକ୍ ପାଇଲିପଡ଼ା ପଞ୍ଚାୟତରେ ଗଞ୍ଜାମ ଜିଲ୍ଲା ପ୍ରଶାସନର ସୌଜନ୍ୟରେ ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ବେଲଗୁଣ୍ଠା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଙ୍ଗିପୁର ହରି, ତହସିଲଦାର କଳାକୃଷ୍ଣ ପ୍ରଧାନ, ଗାଙ୍ଗପୁର ଥାନା ଅଧିକାରୀ ବନ ବିହାରୀ ପ୍ରଧାନ ଓ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଲୋକମାନଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ବିଶେଷ କରି ଭତ୍ତା,ଆବାସ ଯୋଜନା, ରାସନ୍ କାର୍ଡ,ପାନୀୟ ଜଳ



ଭଳି ବିଭିନ୍ନ ବର୍ଗର ମୋଟ ୪୦ ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା ବେଳେ ୧୬ ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା। ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକର ସମାଧାନ ପର୍ଯ୍ୟାୟକ୍ରମେ କରାଯିବ ବୋଲି ଉପସ୍ଥିତ ଅଧିକାରୀମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବେଲଗୁଣ୍ଠା ସହ କୃଷି ଅଧିକାରୀ ଶୈଳସୂତା ସାହୁ, ବରିଷ୍ଠ ଆଇନଜୀବୀ ସୀମାଞ୍ଚଳ ପୃଷ୍ଟିଙ୍କ ସମେତ ବିଭିନ୍ନ ଲାଇନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଜୁଆଆଡ୍ଡାରେ ଚଢ଼ଉ; ୪ ଗିରଫ

ପାରଳାଖେମୁଣ୍ଡି, ୩।୬ (ସମିସ) : ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ ପକ୍ଷରୁ ଏକ ଜୁଆ ଆଡ୍ଡା ଉପରେ ଚଢାଉ କରି ଘଟଣାରେ ସମ୍ପୃକ୍ତ ଚାରି ଜୁଆଡିଙ୍କୁ ଗିରଫ କରିଛି । ପୁଲିସର ସୂଚନା ପ୍ରକାରେ କୌଣସି ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆଜି ଗୋଷାଣି ବ୍ଲକ ଅନ୍ତର୍ଗତ ଡାଳିମ୍ବପୁର ଗ୍ରାମରେ ବଡଧରଣର ଜୁଆ ଆଡ୍ଡା ଚାଲିଥିବାର ଚଢାଉ କରାଯାଇଥିଲା । ତେବେ ସେଠାରେ ଥିବା ଜୁଆଡି ମାନେ ପୁଲିସ ପହଞ୍ଚିବାର ଦେଖି ଛତ୍ରଭଙ୍ଗ ଦେଇଥିଲେ ମଧ୍ୟ ଘଟଣାସ୍ଥଳରୁ ୪ ଜଣଙ୍କୁ ଧରିବାରେ ପୁଲିସ ସକ୍ଷମ ହୋଇଛି । ସେହିପରି ଘଟଣା ସ୍ଥଳରେ ୩ଗୋଟି ବାଇକ, ନଗଦ ୧୭,୭୦୦ ସହ ଟଙ୍କା ଜବତ କରାଯାଇ ଥିବାର ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି ।

## ଜବତ ୬୨ ମୋବାଇଲ୍ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର




ଫୁଲବାଣୀ, ୧୬।୬(ସମିସ): କନ୍ଧମାଳ ଜିଲ୍ଲାରେ ହଜିଥିବା ଓ ଚୋରି ହୋଇଥିବା ପ୍ରାୟ ୧୮୦ଟି ମୋବାଇଲ୍ ଅଭିଯୋଗକୁ ଚ୍ୟାଲେଞ୍ଜ ଭାବେ ନେଇ ଜୁନ୍ ୧ ରୁ ୧୫ ମଧ୍ୟରେ ଚାଲିଥିବା ସ୍ୱତନ୍ତ୍ର ଅଭିଯାନରେ ପୁଲିସ ବିଭିନ୍ନ ସ୍ଥାନରୁ ୬୨ଟି ନାମୀଦାମୀ କମ୍ପାନୀର ମୋବାଇଲ୍ ଫୋନ୍ ଜବତ କରିବାରେ ବଡ଼ ସଫଳତା ହାସଲ କରିଛି । ମଙ୍ଗଳବାର ଏକ ସ୍ୱତନ୍ତ୍ର "ମୋବାଇଲ୍ ହ୍ୟାଣ୍ଡ ଓଭୋର ମେଳା"ରେ କନ୍ଧମାଳ ଏସପି ରମେନ୍ଦ୍ର ପ୍ରସାଦ, ଅତିରିକ୍ତ ଏସପି ବିଭୂତି ଭୂଷଣ ମହାପାତ୍ର, ଏସଡିପିଓ ଶୁଭ୍ରଜିତ ବିଶ୍ୱାଳ ଏବଂ ସାଇବର କ୍ରାଇମ ଇନ୍ସପେକ୍ଟର ଗେଲି ସାହୁ ପ୍ରମୁଖ ଯୋଗଦେଇ ପ୍ରକୃତ ମାଲିକମାନଙ୍କୁ ସେମାନଙ୍କ ଫୋନ୍ ଫେରସ୍ତ କରିଛନ୍ତି । ଆଶା ଛାଡ଼ିଦେଇଥିବା ଲୋକେ ନିଜ ଫୋନ୍ ଫେରିପାଇ ଏସପିଙ୍କ ନିଷ୍ଠାପର ଉଦ୍ୟମ ଓ ପୁଲିସର ସଚ୍ଚୋଟତାକୁ ଭୂୟସୀ ପ୍ରଶଂସା କରିଛନ୍ତି । ଏସପି ରମେନ୍ଦ୍ର ପ୍ରସାଦ ଅପରାଧୀଙ୍କୁ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ, ଆଇନ ଶୃଙ୍ଖଳା ଓ ଜନସାଧାରଣଙ୍କ ସୁରକ୍ଷା କ୍ଷେତ୍ରରେ କୌଣସି ଶିଥିଳତା ବରଦାସ୍ତ କରାଯିବ ନାହିଁ । ଫୋନ୍ ଚୋରି ହେଲେ ଲୁଚାନ୍ତୁ ନାହିଁ, ତୁରନ୍ତ ବିଲ୍ ଓ ପରିଚୟ ପତ୍ର ସହ ସିଇଆଇଆର୍ (ଉରଓଜ) ପୋର୍ଟାଲରେ ଅଭିଯୋଗ କରନ୍ତୁ, ଯାହାଦ୍ୱାରା ପୁଲିସ ଶୀଘ୍ର ଟ୍ରାକ୍ କରି ଅପରାଧୀଙ୍କ ଗଳା ଚିପିପାରିବ । ପୁଲିସକୁ ବନ୍ଧୁ ଭାବି ସହଯୋଗ କଲେ ଉପଯୁକ୍ତ ନ୍ୟାୟ ପ୍ରଦାନ କରାଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ରଜ ପର୍ବରେ ରୋଗୀଙ୍କୁ ଫଳ ବଣ୍ଟନ



ଦାରିଙ୍ଗବାଡ଼ି, ୧୬।୬(ସମିସ): ରଜ ପର୍ବ ଉପଲକ୍ଷେ ଆଜି ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ଅସହାୟ ଓ ଗରିବ ରୋଗୀଙ୍କୁ ସମାଜସେବୀ ପକ୍ଷରୁ ଫଳ ବଣ୍ଟନ କରାଯାଇଛି । ସରପଞ୍ଚ ଚନ୍ଦ୍ରିକା ମଲ୍ଲିକଙ୍କ ସମେତ ଯୁବ ସମାଜସେବୀ ହରେନ୍ ସାହୁ, ପ୍ରଭାକର ସାହୁ, ମୀନକେତନ ସାହୁ, ରୁଦ୍ର, ମହେନ୍ଦ୍ର, ବିରଞ୍ଚି ସାହୁ , ସିଶାପା, ମହେଶ୍ୱର, ଲମ୍ବୋଧର, ସୁବାଷ ପ୍ରମୁଖ ହସ୍ପିଟାଲର ବିଭିନ୍ନ ୱାର୍ଡ ବୁଲି ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରିଥିଲେ । ଏଥି ସହିତ ସେମାନେ ରୋଗୀଙ୍କ ଆରୋଗ୍ୟ କାମନା କରିଥିଲେ ।

## କାଶୀନଗରରେ ସଂଯୁକ୍ତ ଜନଅଭିଯୋଗ ଶୁଣାଣି




କାଶୀନଗର ୧୬।୬(ସମିସ): କାଶୀନଗର ପଂଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ଦିନ ସଂଯୁକ୍ତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇ ଯାଇଛି । ପଂଚାୟତ ସମିତି ଅଧ୍ୟକ୍ଷା ବି.ସାୟାମ୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଫାଲଗୁନ ମାଝୀ, ପ୍ରକଳ୍ପ ନିର୍ଦ୍ଦେଶକ ଦୟାମୟ ପାଢ଼ୀ ପ୍ରମୁଖ ମଂଚାସୀନ ହୋଇ ଅଭିଯୋଗ ଶୁଣିଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡମ୍ବରୁଧର ମଲ୍ଲିକ, ତହସିଲଦାର ସୁଧୀର କୁମାର ନନ୍ଦ, ବିଜ୍ଞାପିତ ଅଞ୍ଚଳ ନିର୍ବାହୀ ଅଧିକାରୀ କେ.ଦିବ୍ୟ ରଞ୍ଜନଙ୍କ ପ୍ରମୁଖ ଉପସ୍ଥିତ ହୋଇଥିଲେ । ମୋଟ ୨୦ଗୋଟି ଅଭିଯୋଗ ଶୁଣାଣି ହୋଇଥିବା ବେଳେ ୧୦ ଗୋଟି ସାମୂହିକ ଓ ୧୦ ଗୋଟି ବ୍ୟକ୍ତିଗତ ଅଭିଯୋଗର ଶୁଣାଣି କରା ଯାଇଥିଲା । ସେଥିଭିତରୁ ଭାନ୍ନା ଗ୍ରାମର ନିକଟସ୍ଥ ବଂଶଧାରା ନଦୀ ଉପକୂଳରେ ବନ୍ୟା ପାଣି ରୋକିବା ନେଇ ପଥର ହିଡ ନିର୍ମାଣରେ ଅନିୟମିତ ସହ ନିମ୍ନମାନର କାମ ହେଉଥିବା ଅଭିଯୋଗ କରିଛନ୍ତି ବୁଦୁରା ସମିତି ବି ବାବୁରାଓ । ଅକ୍ଷମତା ମହିଳାଙ୍କୁ ବିବାହ କରିଥିବା ଦମ୍ପତିଙ୍କୁ ସରକାରଙ୍କ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଅକ୍ଷମତା ଓ ବୃଦ୍ଧାଙ୍କ ପେନସନ ଅତିରିକ୍ତ ଜିଲ୍ଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣିରେ ସ୍ଥାନୀୟ ଲୋକ ପ୍ରତିନିଧି , ଅଧିକାରୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଥାନା ଅଧିକାରୀ ତ୍ରିନାଥ ସେଠୀଙ୍କ ନେତୃତ୍ୱରେ ପୋଲିସ୍ ଉପସ୍ଥିତ ଥିଲେ ।

## 'ବ୍ରାଉନସୁଗର' ସିଣ୍ଡିକେଟ୍ ଛାରଖାର
# କନ୍‌ଷ୍ଟେବଲଙ୍କ ସମେତ ୧୧ ଗିରଫ

ଫୁଲବାଣୀ,୧୬।୬(ସମିସ)

କନ୍ଧମାଳ ଜିଲ୍ଲାରେ ବେଆଇନ ନିଶା କାରବାର ଓ ଚୋରା ଚାଲାଣ ବିରୋଧରେ ଫୁଲବାଣୀ ପୋଲିସ ଏକ ବଡ଼ ଧରଣର ସଫଳତା ହାସଲ କରିଛି । ସହରରେ ସକ୍ରିୟ ଥିବା ଏକ ପ୍ରଭାବଶାଳୀ ହିରୋଇନ୍ ଓ ଗଞ୍ଜେଇ ସିଣ୍ଡିକେଟ୍‌ର ପର୍ଦ୍ଦାଫାସ କରିବା ସହ ପୋଲିସ ଏହି ଆକ୍ରମଣାତ୍ମକ ଚଢ଼ଉରେ ମୁଖ୍ୟ ସୂତ୍ରଧର ତଥା କିଙ୍ଗପିନ୍ ଶିବର୍ପିତ ପଟ୍ଟନାୟକଙ୍କ ସମେତ ୧୧ ଜଣଙ୍କୁ ଗିରଫ କରିଛି । ଏହି ଘଟଣାରେ ସବୁଠାରୁ ଚାଞ୍ଚଲ୍ୟକର ତଥ୍ୟ ହେଉଛି, ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ଅରବିନ୍ଦନଗର, ଫୁଲବାଣୀର ମନୋରଞ୍ଜନ ସାବତ ଅଛନ୍ତି, ଯିଏ କି ନିଜେ ପୋଲିସ ବିଭାଗର ଜଣେ କନେଷ୍ଟବଲ । ଆଇନର ରକ୍ଷକ ସାଜି ଭକ୍ଷକ ସଦୃଶ ନିଶା ମାଫିଆଙ୍କ ସହ ହାତ ମିଳାଇଥିବା ଏହି କନଷ୍ଟେବଲଙ୍କୁ ପୋଲିସ କୌଣସି ଅନୁକମ୍ପା ନଦେଖାଇ ସିଧାସଳଖ ଗିରଫ କରିଛି ।

ଫୁଲବାଣୀ ଏସ୍ପିଙ୍କ ତତ୍ତ୍ୱାବଧାନରେ ସବ୍-ଇନ୍ସପେକ୍ଟର ରୀତାଞ୍ଜଳି ସାହୁ ଏବଂ ମନୋରଞ୍ଜନ ଭୋଇଙ୍କ ନେତୃତ୍ୱରେ ପୋଲିସ ଟିମ୍ ପଟାବାଲିସାହି ଶ୍ମଶାନ ନିକଟରେ ଚଢ଼ାଉ କରି ପ୍ରଥମେ ୧୦ ଜଣଙ୍କୁ କାବୁ କରିଥିଲା । ପରେ ସେମାନଙ୍କ ସୁରାକ ଆଧାରରେ ମୁଖ୍ୟ ଯୋଗାଣକାରୀ ଶିବର୍ପିତଙ୍କୁ ଗିରଫ କରାଯାଇଛି । ଏହି ମାମଲା ମଡେଲ ଟାଉନ ଥାନାରେ ଏନଡିପିଏସ ଆକ୍ଟ ଅନୁସାରେ



ରୁଜୁ ହୋଇଛି । ଏହି ବଡ଼ କାର୍ଯ୍ୟାନୁଷ୍ଠାନ ବେଳେ ପୋଲିସ ପ୍ରାୟ ୩ ଲକ୍ଷ ଟଙ୍କାର ନିଶା ସାମଗ୍ରୀ ଜବତ କରିଛି, ଯେଉଁଥିରେ ୨୨ କିଲୋ ୧୭୨୦ ଗ୍ରାମ ଗଞ୍ଜେଇ ଏବଂ ୭.୭୫ ଗ୍ରାମ ବ୍ରାଉନସୁଗାର ବା ହିରୋଇନ୍ ସାମିଲ ରହିଛି । ଏହା ସହିତ ଅପରାଧରେ ବ୍ୟବହୃତ ଦୁଇଟି ମୋଟରସାଇକେଲ, ଯାହାର ପଞ୍ଜୀକରଣ ସଂଖ୍ୟା ଓଡ଼ି-୩୩-ଟି-୨୧୪୩ (ଟିଭିଏସ୍ ଆପାଚେ) ଏବଂ ଓଡ଼ି-୧୨-ଜି-୧୨୧୮ (ହୋଣ୍ଡା ସିଡି-୧୧୦) ଏବଂ ବାର୍ତ୍ତାଳାପ ପାଇଁ ବ୍ୟବହୃତ ୭ଟି ମୋବାଇଲ୍ ଫୋନ୍ ମଧ୍ୟ ଜବତ କରାଯାଇଛି । ପୋଲିସ ହାତରେ ଗିରଫ ହୋଇଥିବା ସମସ୍ତ ୧୧ ଜଣ ଅଭିଯୁକ୍ତ ହେଉଛନ୍ତି ଫୁଲବାଣୀ ସାହିର ଆୟେଶ କୁମାର ମହାପାତ୍ର, ଦେବାଶିଷ ପାତ୍ର, ଶ୍ରୀଧର ମହାନ୍ତି, ସୀମାଞ୍ଚଳ ମହାନ୍ତି, ନୀଳାମଣି ବାରିକ ଏବଂ ମୁଖ୍ୟ କିଙ୍ଗପିନ୍ ଶିବର୍ପିତ ପଟ୍ଟନାୟକ । ଏମାନଙ୍କ ବ୍ୟତୀତ ଟିକାବାଲି ଅଞ୍ଚଳର ବାଳକୃଷ୍ଣ ମଲ୍ଲିକ ଓ ବାଲୁଙ୍କେଶ୍ୱର ନାୟକ, ଗୋଚ୍ଛାପଡ଼ାର ଜଗତ କହଁର ଓ ଅବଖିତ ଦିଗାଲ ଏବଂ ଖୋଦ୍ ପୋଲିସ କନେଷ୍ଟବଲ ମନୋରଞ୍ଜନ ସାବତ ମଧ୍ୟ ଏହି ନିଶା କାରବାରରେ ସମ୍ପୃକ୍ତ ଥିବାରୁ ଗିରଫ ହୋଇଛନ୍ତି. କନ୍ଧମାଳ ପୋଲିସ ଏହି ଆକ୍ସନ ଜରିଆରେ ସ୍ପଷ୍ଟ ଚେତାବନୀ ଦେଇଛି ଯେ ଅପରାଧୀ ଯେତେ ପ୍ରଭାବଶାଳୀ କିମ୍ବା ନିଜ ବିଭାଗର ହୋଇଥିଲେ ମଧ୍ୟ କାହାକୁ ଛଡ଼ାଯିବ ନାହିଁ । ଜିଲ୍ଲାକୁ ସମ୍ପୂର୍ଣ୍ଣ ରୂପେ ନିଶାମୁକ୍ତ ଏବଂ ଅପରାଧମୁକ୍ତ କରିବା ପାଇଁ ଆଗାମୀ ଦିନରେ ଏହିପରି ଚଢ଼ଉ ଜାରିରହିବ ବୋଲି ପୋଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ବୁରୁଜାଙ୍ଗ ଗ୍ରାମରେ ଗଣପର୍ବ 'ରଜ'

ରାୟଗଡ଼(ଗଜପତି)୧୬।୬(ସମିସ): ବର୍ତ୍ତମାନର ଆଧୁନିକତା ଓ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ଯୁବପିଢ଼ି ପାରମ୍ପରିକ ପର୍ବପର୍ବାଣିକୁ ଭୁଲିବାକୁ ବସିଥିବା ବେଳେ ଗଜପତି ଜିଲ୍ଲା ସହରାଞ୍ଚଳରେ ଏବେ ରଜ ଉତ୍ସବର ସେଭଳି କ୍ରେଜ୍ ଦେଖିବାକୁ ମିଳୁନାହିଁ । କିନ୍ତୁ ଏଭଳି ସମୟରେ ଓଡ଼ିଶାର ଗଣପର୍ବ 'ରଜ'ର ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଆଗେଇ ଆସିଛନ୍ତି ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ବୁରୁଜାଙ୍ଗ ଗ୍ରାମର ଯୁବପିଢ଼ି । ଗ୍ରାମର ଯୁବଗୋଷ୍ଠୀ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ମିଳିତ ଉଦ୍ୟମରେ ଚଳିତ ବର୍ଷ ବୁରୁଜାଙ୍ଗ ଗ୍ରାମରେ ରଜ ଉତ୍ସବ ଅତି ଧୁମଧାମରେ ଆୟୋଜିତ ହୋଇଯାଇଛି । ଯାହାକୁ ନେଇ ସାରା ଅଞ୍ଚଳ ଏବେ ଉତ୍ସବମୁଖର ହୋଇପଡ଼ିଛି ।

ସ୍ଥାନୀୟ ସରପଞ୍ଚ ଉମା ଶଙ୍କର ଭୁମଲଙ୍କ ସମେତ ଗ୍ରାମର ଯୁବଗୋଷ୍ଠୀ କୃଷ୍ଣ କେଶବ ରାଇପାତ୍ର, ରାଜେଶ କୁମାର ଦଳେଇ, ରଞ୍ଜୀତ ଗୌର, ପ୍ରଶାନ୍ତ ଭୁମଲ, ମନୀଷା ସାହୁ ଏବଂ କନକ ଖଣ୍ଡୁଆଳଙ୍କ ମିଳିତ ପ୍ରେରଣା ଓ ପ୍ରଚେଷ୍ଟାରେ ଏହି ଭବ୍ୟ ରଜ ମହୋତ୍ସବର ଆୟୋଜନ କରାଯାଇଛି । ସୋମବାର ପାରମ୍ପରିକ ରଜ ପର୍ବର ପ୍ରଥମ ଦିନକୁ 'ପହିଲି ରଜ' ଭାବେ ଗ୍ରାମବାସୀ ଅତି ଆନନ୍ଦ ଉଲ୍ଲାସର ସହ ପାଳନ କରିଛନ୍ତି । ଏହି ଅବସରରେ ଗାଁଠୁ ଆରମ୍ଭ କରି ସାରା ପଞ୍ଚାୟତରେ ଏବେ ଖୁସି ଓ ଉତ୍ସବର ମାହୋଲ ଦେଖିବାକୁ ମିଳିଛି ।

ତିନି ଦିନ ଧରି ପାଳିତ ହେଉଥିବା ଏହି ଗଣପର୍ବର ପ୍ରଥମ ଦିନକୁ 'ପହିଲି ରଜ', ଦ୍ୱିତୀୟ ଦିନକୁ 'ରଜ ସଂକ୍ରାନ୍ତି' ଏବଂ ତୃତୀୟ ଦିନକୁ 'ଭୂଦାହ' ବା 'ଭୂମି ଦହନ' ଭାବେ ପାଳନ କରାଯାଉଥିବା ବେଳେ ବୁରୁଜାଙ୍ଗବାସୀ ଏହାକୁ ପରମ୍ପରା ଅନୁଯାୟୀ ବହୁ



ଆଡ଼ମ୍ବରରେ ପାଳନ କରୁଛନ୍ତି । ଗ୍ରାମର କୁଆଁରୀ ଝିଅମାନେ ହାତରେ ମେହେନ୍ଦି, ମୁଣ୍ଡରେ ଟିକିଲି ଓ କୁଙ୍କୁମ ଏବଂ ପାଦରେ ଅଳତା ଲଗାଇ ନୂଆ ପୋଷାକ ପିନ୍ଧି ରଜ ମୌଜ ମନାଉଛନ୍ତି । ଏହି ଅବସରରେ ପ୍ରତି ଘରେ ଘରେ ପାରମ୍ପରିକ 'ପୋଡ଼ ପିଠା', ଚକୁଳି, ମଣ୍ଡା ଏବଂ କାକରା ପିଠାର ଆସର ଜମିଛି । ଅନ୍ୟପଟେ, ଗଛ ଡାଳରେ ବନ୍ଧା ହୋଇଥିବା ରଜ ଦୋଳିରେ ଝିଅମାନଙ୍କ "ବନସ୍ତେ ଡାକିଲା ଗଜ..." ଗୀତର ସୁର ସାଙ୍ଗକୁ ଦୋଳି ଖେଳ ଗାଁ ଦାଣ୍ଡକୁ ମୁଖରିତ କରି ଗଢ଼ିଛି । ଏହା ସହିତ ପାରମ୍ପରିକ 'ପୁଚି' ଖେଳ, ଅଖା ଡିଆଁ, ରଙ୍ଗୋଲି, ଝୋଟି ପ୍ରତିଯୋଗିତା ସହ ପୁରୁଷ ଓ ମହିଳାଙ୍କ ମଧ୍ୟରେ ତାସ, ବାଗୁଡି ଓ ଲୁଡୁ ଭଳି ବିଭିନ୍ନ ଖେଳ ପ୍ରତିଯୋଗିତା ଜମୁଛି । ଆଧୁନିକ ଯୁଗରେ ଏଭଳି ଏକ ସୁନ୍ଦର ପାରମ୍ପରିକ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଗ୍ରାମବାସୀମାନେ ଆୟୋଜକ ତଥା ଯୁବଗୋଷ୍ଠୀଙ୍କୁ ସାଧୁବାଦ ଓ ଧନ୍ୟବାଦ ଅର୍ପଣ କରିଛନ୍ତି ।

## ମହେନ୍ଦ୍ରତନୟାରେ ବୁଡ଼ି ଚାଲିଗଲା ଜୀବନ


ପାରଳାଖେମୁଣ୍ଡି, ୧୬।୬ (ସମିସ) : ଗଜପତି ଜିଲ୍ଲା କେରାଣ୍ଡି ଗ୍ରାମର ମହେନ୍ଦ୍ରତନୟା ନଦୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ କେରାଣ୍ଡି ଗ୍ରାମର ସୁବାସ ଚନ୍ଦ୍ର ବରାଡ (୫୫),ସେ ପେଶାରେ ଜଣେ ପନିପରିବା ବ୍ୟବସାୟୀ ଥିଲେ । ସୂଚନା ଅନୁଯାୟୀ, ସୁବାସ ପ୍ରତିଦିନ ଭଳି ପାରଳାଖେମୁଣ୍ଡି ସହରରୁ ବ୍ୟବସାୟ ସାରି ଗ୍ରାମକୁ ଫେରୁଥିଲେ । ତେବେ ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକ ଓ ଗ୍ରାମବାସୀ ଖୋଜାଖୋଜି ଆରମ୍ଭ କରିଥିଲେ । ଗାଁ ନିକଟସ୍ଥ ମହେନ୍ଦ୍ରତନୟା ନଦୀ ଘାଟରୁ ତାଙ୍କ ସାଇକେଲ ଓ ପୋଷାକ ମିଳିବା ପରେ ନଦୀରେ ବୁଡ଼ିଯାଇଥିବା ସନ୍ଦେହ କରାଯାଇଥିଲା । ଗ୍ରାମବାସୀ ଓ ଅଗ୍ନିଶମ ବିଭାଗର ସହଯୋଗରେ ଖୋଜାଖୋଜି କରାଯାଇଥିବା ବେଳେ ଅଗ୍ନିଶମ କର୍ମଚାରୀ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକମାନେ



**ଶବାଗାରର ଅଚଳ ଆଇସ୍ ବକ୍ସକୁ ନେଇ ଅସନ୍ତୋଷ ।**

ନଦୀରୁ ସୁବାସଙ୍କ ମୃତଦେହ ଉଦ୍ଧାର କରିଥିଲେ । ପରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି । ଘଟଣା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶବ ସଂରକ୍ଷଣ ଗୃହରେ ଥିବା ଆଇସ୍ ବକ୍ସ ଅଚଳ ଥିବା ଘଟଣା ସାମ୍ନାକୁ ଆସିଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଗତ ତିନି ମାସ ଧରି ଆଇସ୍ ବକ୍ସଟି ସଠିକ ଭାବେ କାମ କରୁନାହିଁ । ଫଳରେ ଶବ କ୍ଷତି ହେବାର ଆଶଙ୍କା କରି ଏହାକୁ ନେଇ ଚିକିତ୍ସାଳୟ ପରିସରରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଜିଲ୍ଲାର ଏକମାତ୍ର ଶବ ବ୍ୟବଚ୍ଛେଦ କେନ୍ଦ୍ରରେ ଏଭଳି ଅବ୍ୟବସ୍ଥା ରୋଗୀ ପରିବାର ଓ ସାଧାରଣ ଲୋକଙ୍କୁ ଅସୁବିଧାରେ ପକାଉଥିବା ବେଳେ, ତୁରନ୍ତ ଆଇସ୍ ବକ୍ସର ମରାମତି କରି ଏହାକୁ କାର୍ଯ୍ୟକ୍ଷମ କରିବାକୁ ଦାବି ଜୋରଧରିଛି ।

## ଅଗ୍ନିଶମ ବିଭାଗ ଦ୍ୱାରା ଦୁଇ ବଳଦ ଉଦ୍ଧାର



ଜି ଉଦୟଗିରି, ୧୬।୬ (ସମିସ): ଜି ଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗା ଛକ ଠାରେ ଦୁଇ ଛାତ କାନ୍ଥ ମଝି ଗଳିରେ ଦୁଇଟି ବଳଦ ଫସି ରହିଥିଲେ ଦେଖିବାକୁ ମିଳିଥିଲା । ବଳଦ ଦୁଇଟି ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ବାହାରି ପାରୁନଥିଲେ । ଖବର ପାଇ ଜି ଉଦୟଗିରି ଅଗ୍ନିଶମ ବିଭାଗ କୁ ଗ୍ରାମବାସୀ ଖବର ଦେବା ପରେ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଦୁଇ ବଳଦକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିବା ଜଣାପଡିଛି । ଏଥିପାଇଁ ଦୁଇ ଘଣ୍ଟାର ପରିଶ୍ରମ କରିବାକୁ ପଡ଼ିଥିବା ବେଳେ ନାକେଦମ ହେବାକୁ ପଡିଥିଲା ।

## ପ୍ରଗତି ମହିଳା ସଙ୍ଗଠନ ଆନୁକୂଲ୍ୟରେ ରଜ ଉତ୍ସବ

ପାରଳାଖେମୁଣ୍ଡି,୧୬।୬ (ସମିସ) : ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଏକ ଘରୋଇ କମ୍ପ୍ୟୁଟର ଶିକ୍ଷାନୁଷ୍ଠାନ ପରିସରରେ ପ୍ରଗତି ମହିଳା ସଙ୍ଗଠନ ଆନୁକୂଲ୍ୟରେ ରଜ ଉତ୍ସବ ପାଳିତ ହୋଇଯାଇଛି । ପ୍ରାକ୍ତନ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୁବ ଆଇପିଏସ୍ ତଥା ଆର୍. ଉଦୟଗିରି ଉପଖଣ୍ଡ ସ୍ୱାଗତ ସମ୍ଭାଷଣ, ଚାନ୍ଦିନୀ ସାହୁ ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଗତିର ଅଧ୍ୟକ୍ଷ ଲୋକନାଥ ମିଶ୍ର ଅଧ୍ୟକ୍ଷତା କରିଥିଲେ । ସମ୍ପାଦିକା ତନୁଜା ଶତପଥୀ ପ୍ରଗତିର ନାରୀ ସଶକ୍ତୀକରଣର ବିଭିନ୍ନ ପର୍ବର ପାଳନ ଓ ନମୁନା ଦେଇଥିଲେ । ସମ୍ମାନିତ ଅତିଥି ଭାଗବତ ପାଢ଼ୀ ରଜ ମଉଜର ପ୍ରାଚୀନତା ଏବଂ ଆଧୁନିକତାର ଏକ ତୁଳନାତ୍ମକ ବିଚାର କରିଥିଲେ । ଅଧ୍ୟାପକ ଆର୍ତ୍ତତ୍ରାଣ ଚଇନି ଶେଷରେ ଧନ୍ୟବାଦ ଅର୍ପଣ




ଆରକ୍ଷୀ ଅଧୀକ୍ଷକ ରାକେଶ କୁମାର ସାହୁ ଯୋଗ ଦେଇ ଓଡ଼ିଆ ସଭ୍ୟତା ଓ ସଂସ୍କୃତିକୁ ସବୁ ବର୍ଗର ଲୋକେ ପ୍ରୋତ୍ସାହିତ କରି ଆମର ପବିତ୍ର ପରମ୍ପରାକୁ ବଜାୟ ରଖିବାକୁ ପଡ଼ିବ କହିଥିଲେ । ରାମଗିରିର ସମାଜସେବୀ ନିର୍ମଳା ପଟ୍ଟନାୟକ ସାମ୍ପ୍ରତିକ ନାରୀ ସଶକ୍ତୀକରଣ ପାଇଁ ନଜସ୍ୱ ସମର୍ପିତ ଶ୍ରମକୁ ସାକାର କରିବାପାଇଁ ସଦାସର୍ବଦା ଉଜ୍ଜୀବିତ ରହିବା ପାଇଁ ଅନୁରୋଧ କରିଥିଲେ । ପ୍ରାରମ୍ଭରେ ଶୁଭଶ୍ରୀ ଭୁକ୍ତା କରିଥିଲେ । ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ବିଜୟୀମାନଙ୍କୁ ପ୍ରମାଣ ପତ୍ର ଓ ଆକର୍ଷଣୀୟ ପୁରସ୍କାର ବିତରଣ କରାଯାଇ ଥିଲା । ଶେଷରେ ରଜଦୋଳି ଗୀତ ସହ ଉପସ୍ଥିତ ସମସ୍ତ ଝିଅ ତଥା ମହିଳାମାନେ ରଜରେ ମଉଜ କରିଥିଲେ । ସମସ୍ତ କର୍ଯ୍ୟକ୍ରମକୁ ଶରତ କୁମାର ପ୍ରଧାନ, ପାୟଲ ପାତ୍ର, ପଲକ୍ ପାତ୍ର, ଚାନ୍ଦିନୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

## ଟିକାବାଲି ଥାନାରେ ଦାୟିତ୍ୱ ନେଲେ ନୂତନ ଆଇଆଇସି

ଟିକାବାଲି,୧୬।୬(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ଥାନାରେ ନୂତନ ଥାନା ଅଧିକାରୀ ଭାବରେ ଶିବରଞ୍ଜନ ସିଙ୍ଗା ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ସେ ବାଲିଗୁଡା ଥାନାରେ ସଫଳତାର ସହ ନିଜର ଦାୟିତ୍ୱ ନିଭାଉଥିଲେ । ଅପରପକ୍ଷରେ, ଟିକାବାଲି ଥାନାରେ କାର୍ଯ୍ୟରତ



ଥିବା ଥାନା ଅଧିକାରୀ ଶ୍ରୀ ସମୀର କୁମାର ବେହେରାଙ୍କୁ ବାଲିଗୁଡା ଥାନାକୁ ବଦଳି କରାଯାଇଛି ।ଦାୟିତ୍ୱ ଗ୍ରହଣ କରିବା ପରେ ନୂତନ ଥାନା ଅଧିକାରୀ ଶ୍ରୀ ସିଙ୍ଗା ଗଣମାଧ୍ୟମକୁ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି ଯେ, ଟିକାବାଲି ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଅଧିକ କଡ଼ାକଡ଼ି କରାଯିବ । ବିଶେଷକରି ଅଞ୍ଚଳରେ ବୃଦ୍ଧି ପାଉଥିବା ଚୋରି, ରାହାଜାନି ଏବଂ ଅପରାଧିକ କାର୍ଯ୍ୟକଳାପ ଉପରେ ପୋଲିସ ତୀକ୍ଷଣ ନଜର ରଖିବ ।ଅଞ୍ଚଳରେ ହେଉଥିବା ଦୁର୍ଘଟଣାକୁ ରୋକିବା ପାଇଁ ବେପରୁଆ ଓ ଦ୍ରୁତଗତିରେ ଗାଡ଼ି ଚାଳନା ଉପରେ ବିଶେଷ ନିୟନ୍ତ୍ରଣ ଅଣାଯିବ ବୋଲି ସେ ସୂଚନା ଦେଇଛନ୍ତି । ସ୍ଥାନୀୟ ଜନସାଧାରଣଙ୍କ ସୁରକ୍ଷା ଓ ଶାନ୍ତି ବଜାୟ ରଖିବା ପାଇଁ ପୋଲିସ ସଦାସର୍ବଦା ତତ୍ପର ରହିବ ଏବଂ ଅପରାଧୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୂତନ ଥାନା ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି ।

# ବନ୍ଧକ ପଡ଼ିଥିବା ଦୁଇ ଶ୍ରମିକ ତିରୁପତିରୁ ଉଦ୍ଧାର

ପାରଳାଖେମୁଣ୍ଡି, ୧୬।୬(ସମିସ)

ଗଜପତି ପୋଲିସ ଆର. ଉଦୟଗିରି ବ୍ଲକର ଦୁଇଜଣ ବାସିନ୍ଦାଙ୍କୁ ଉଦ୍ଧାର କରିବାରେ ସାହାଯ୍ୟ କରିଛି । ଯେଉଁମାନେ କି ଆନ୍ଧ୍ରପ୍ରଦେଶର ତିରୁପତିରେ ବେଆଇନ ଭାବେ ବନ୍ଧକ ଶ୍ରମିକ ଏବଂ ଅବୈଧ ବନ୍ଦିତ୍ୱର ଶିକାର ହୋଇଥିଲେ ବୋଲି ଜଣାପଡିଛି । ଉଦ୍ଧାର ବ୍ୟକ୍ତିମାନେ ହେଲେ ଯଥା ସାଣ୍ଟିଏଲ୍ କରାଡ (୫୪) ଏବଂ ତାଙ୍କ ପୁଅ ଗାମଲିଏଲ୍ କରାଡ (୨୯) । ଏନେଇ ଆଜି ଆର୍. ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରାକେଶ କୁମାର ସାହୁ(ଆଇପିଏସ୍) ପ୍ରେସ୍ ନୋଟ୍ ମାଧ୍ୟମରେ ସୂଚନା ଦେଇଛନ୍ତି । ସୂଚନା ପ୍ରକାରେ ଉଭୟ ବାପା ପୁଅ ଗତ ପାଞ୍ଚ ବର୍ଷ ଧରି ତିରୁପତିରେ ଜଣେ ବ୍ୟବସାୟୀଙ୍କ ଅଧୀନରେ ଶ୍ରମିକ ଭାବରେ କାମ କରୁଥିଲେ । ତେବେ ଗତ ୮ ଦିନ ଧରି ସେମାନଙ୍କ ନିଯୁକ୍ତିଦାତା ଦ୍ୱାରା ବେଆଇନ ଭାବରେ ବନ୍ଦୀ କରାଯାଇଥିବାକୁ ନେଇ ଆର୍. ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଏହି ବନ୍ଦୀ ସମୟ ମଧ୍ୟରେ ସେମାନଙ୍କୁ ପର୍ଯ୍ୟାପ୍ତ ଖାଦ୍ୟରୁ ବଞ୍ଚିତ କରାଯାଇଥିଲା, ସେମାନଙ୍କ ପରିବାର ସହିତ ଯୋଗାଯୋଗ କରିବାକୁ ବାରଣ କରାଯାଇଥିଲା, ସେମାନଙ୍କର ଉଚିତ ମଜୁରୀ ମନା କରାଯାଇଥିଲା ଏବଂ ଆଗାମୀ ମାସଗୁଡ଼ିକ ପାଇଁ ବିନା ଦେୟରେ କାମ ଜାରି ରଖିବାକୁ ଧମକ ଦିଆଯାଇଥିଲା । ଯାହାକୁ ନେଇ ଗଜପତି ଜିଲ୍ଲାରେ ରହୁଥିବା ସାଣ୍ଟିଏଲ୍ ଙ୍କ ପରିବାର ସଦସ୍ୟମାନେ ଆର୍. ଉଦୟଗିରି ଏସଡିପିଓ ଶ୍ରୀ ସାହୁଙ୍କ ସହ ଯୋଗାଯୋଗ କରି ସହାୟତା ଲୋଡ଼ିଥିଲେ । ପ୍ରାପ୍ତ ସୂଚନା ଉପରେ ତୁରନ୍ତ କାର୍ଯ୍ୟ କରି, ଗଜପତି ପୋଲିସ ତିରୁପତି ପୋଲିସ ସହିତ ଯୋଗାଯୋଗ ସ୍ଥାପନ କରିଥିଲା ଏବଂ



ପୀଡିତ ଏବଂ ସେମାନଙ୍କ ବନ୍ଦିତ୍ୱର ପରିସ୍ଥିତି ସମ୍ପର୍କରେ ସମସ୍ତ ପ୍ରାସଙ୍ଗିକ ବିବରଣୀ ପ୍ରଦାନ କରିଥିଲା । ସମନ୍ୱିତ ପ୍ରୟାସ, ସମୟୋଚିତ ହସ୍ତକ୍ଷେପ ଏବଂ ଗଜପତି ପୋଲିସ ଏବଂ ତିରୁପତି ପୋଲିସ ସହଯୋଗ ମାଧ୍ୟମରେ, ଉଭୟ ବାପ ପୁଅ ଶ୍ରମିକଙ୍କୁ ସଫଳତାର ସହ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ଅଣାଯାଇଥିଲା । ଗଜପତି ଫେରିବା ପରେ ଉଦ୍ଧାର ହୋଇଥିବା ଉଭୟ ବାପା ପୁଅ ଏସଡିପିଓଙ୍କୁ ଭେଟିଛନ୍ତି । ଏସଡିପିଓ ଶ୍ରୀ ସାହୁ ପ୍ରଥମେ ସେମାନଙ୍କୁ ସ୍ୱାଗତ କରିଥିଲେ ଏବଂ ସମସ୍ତ ପ୍ରକାରର ସହାୟତାର ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ, ଶ୍ରୀ ସାହୁ କହିଛନ୍ତି ଯେ "ଏହି ଶ୍ରମିକମାନଙ୍କୁ ଶୋଷଣ ଏବଂ ଅବୈଧ ବନ୍ଦୀତ୍ୱ ପାଇଁ ଦାୟୀ ଲୋକଙ୍କ ବିରୁଦ୍ଧରେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ତିରୁପତି ପୋଲିସକୁ ଅନୁରୋଧ କରାଯାଇଛି । ଆମେ ସମ୍ପୃକ୍ତ ଶ୍ରମ ବିଭାଗ ଅଧିକାରୀଙ୍କ ସହିତ ନିୟମିତ ଯୋଗାଯୋଗରେ ରହିଅଛୁ ।ଆଗାମୀ ଦିନରେ, ଆମେ ଗଜପତି ଜିଲ୍ଲାର ଏପରି ଅନ୍ୟ ବନ୍ଦିତ୍ୱରେ ଥିବା ଶ୍ରମିକମାନଙ୍କୁ ଚିହ୍ନଟ କରି ଉଦ୍ଧାର କରିବା ପାଇଁ ଯଥାସମ୍ଭବ ପ୍ରୟାସ କରିବୁ । ଯାହାରି ଫଳରେ ଏପରି ପରିସ୍ଥିତିର ସମ୍ମୁଖୀନ ଅନ୍ୟ କେହି ନହେବେ । ଗଜପତି ପୋଲିସ ସଦାସର୍ବଦା ଏପରି ନାଗରିକଙ୍କ ଅଧିକାର ଏବଂ ମର୍ଯ୍ୟାଦା ରକ୍ଷା ପାଇଁ ପ୍ରତିବଦ୍ଧ ଏବଂ ଶୋଷଣକୁ ରୋକିବା ଏବଂ ପୀଡିତଙ୍କୁ ନ୍ୟାୟ ସୁନିଶ୍ଚିତ କରିବା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ ଜାରି ରଖିବ ବୋଲି ଶ୍ରୀ ସାହୁ କହିଛନ୍ତି ।

● ସ୍ୱଚ୍ଛ ହରିତ ବିଦ୍ୟାଳୟ ରେଟିଂ

## ଜାତୀୟସ୍ତରରେ ୧୧ତମ ସ୍ଥାନରେ ରାବାନାଯୁ ପ୍ରାଥମିକ ବିଦ୍ୟାଳୟ

ଜି.ଉଦୟଗିରି,୧୬।୬(ସମିସ): ସ୍ୱଚ୍ଛ ହରିତ ବିଦ୍ୟାଳୟ ରେଟିଂ ନିମନ୍ତେ ସର୍ବଭାରତୀୟ ସ୍ତରରେ ମୋଟ ୧୦,୪୭,୮୫୯ ଟି ବିଦ୍ୟାଳୟ ମଧ୍ୟରୁ ୧୯୧ ଟି ବିଦ୍ୟାଳୟ ଚୟନ କରାଯାଇଛି । ସେଥିରୁ ଓଡ଼ିଶାର ୧୦ ଟି ବିଦ୍ୟାଳୟ ଚୟନ ହୋଇଛି ଓ ଏହି ଚୟନ ହୋଇଥିବା ବିଦ୍ୟାଳୟମାନଙ୍କ ମଧ୍ୟରୁ କନ୍ଧମାଳ ଜିଲ୍ଲା ର ଜି.ଉଦୟଗିରି ବ୍ଲକ୍ ଅନ୍ତର୍ଗତ କନାବାଗେରୀ ସ୍ଥିତ ରାବାନାଜୁ ପ୍ରାଥମିକ ବିଦ୍ୟାଳୟ ୯୩.୩ ପ୍ରତିଶତ ସ୍କୋର ହାସଲ କରି ଜାତୀୟ ସ୍ତରରେ ୧୧ ତମ ସ୍ଥାନ ଅଧିକାର କରି ଜାତୀୟ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛି । ଏହି ସଫଳତାର ଶ୍ରେୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପି. ମଧୁମିତା ପ୍ରଧାନ



କହିଛନ୍ତି ଏହା ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ, ଗୋଷ୍ଠୀ ଉର୍ଣ୍ଣୟନ ଅଧିକାରୀ, କାର୍ଯ୍ୟନିର୍ବାହୀ ଅଧିକାରୀ ସହଯୋଗ କରିବା ସହିତ ସହ-ଶିକ୍ଷୟିତ୍ରୀ ତୃପ୍ତି ପ୍ରଧାନ ସହ ବିଦ୍ୟାଳୟର ପରିଚାଳନା କମିଟିଙ୍କ ନିଷ୍ଠା, ପରିଶ୍ରମ ଯୋଗୁଁ ଏହା ସମ୍ଭବ ହୋଇ ପାରିଛି ବୋଲି କହିଛନ୍ତି । ଏହି ସଫଳତା ପାଇଁ ବିଭିର୍ଣ୍ଣ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ମିଳୁଥିବା ବେଳେ ଏହି ବିଦ୍ୟାଳୟ ପୂର୍ବରୁ ପ୍ରକୃତି ମିତ୍ର ସହିତ ରାଜ୍ୟସ୍ତରୀୟ ପୁରସ୍କାର ପାଇଁ ମନୋନୀତ ହୋଇ ଥିଲା ।

